

ବିଧାତାଙ୍କର ଶୃଙ୍ଖଳା ଭାଙ୍ଗିଲେ ଜ୍ୱାଳା ବଢ଼ିବ ସିନା କମିବ ନାହିଁ। କାରଣ ଯେପରି କଏଦୀ ଜେଲ୍ ଭାଙ୍ଗି ବାହାରିଗଲେ ନିସ୍ତାର ପାଏନି ବରଂ ଦଣ୍ଡ ବୃଦ୍ଧି ହୋଇଥାଏ।
- ସ୍ୱାମୀ ନିଗମାନନ୍ଦ



## ସଂକ୍ଷେପରେ

### ରାଜଗାଙ୍ଗପୁର ବନଖଣ୍ଡ ପକ୍ଷରୁ ଜଳଛତ୍ର

ରାଜଗାଙ୍ଗପୁର,୨୭।୫(ଡି.ଏନ୍.ଏ.) ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ବନଖଣ୍ଡ ପକ୍ଷରୁ ରାଜଗାଙ୍ଗପୁର ବ୍ଲକର ବିଭିନ୍ନ ସ୍ଥାନରେ ଜଳଛତ୍ର ବ୍ୟବସ୍ଥା କରାଯାଇଛି। ବ୍ଲକର ମାଲିଡିହି, ଛତାମ, କହଟୁଆଁ ଅଞ୍ଚଳ ପାହାଡ଼ିଆ ଓ ଜଙ୍ଗଲ ଘେରା ହୋଇଥିବାରୁ କୂଅ, ପୋଖରୀ ଶୁଖିବାକୁ ଲାଗିଲାଣି। ଏହି ଅଞ୍ଚଳରେ ରାସ୍ତାରେ ଯାତାୟାତ କରୁଥିବା ଲୋକଙ୍କୁ ପାଣି ଟୋପେ ପାଇଁ ନାହିଁ ନ ଥିବା ଅସୁବିଧା ଭୋଗିବାକୁ ପଡ଼ିଥାଏ। ଏହାକୁ ଦୃଷ୍ଟିରେ ରଖି ବନଖଣ୍ଡ ପକ୍ଷରୁ ବିଭିନ୍ନ ଛକରେ ଜଳଛତ୍ର ବ୍ୟବସ୍ଥା କରାଯାଇଛି।

### ଅଜଣା ମହିଳାଙ୍କ ମୃତଦେହ ଉଦ୍ଧାର

କୁଆଁରମୁଣ୍ଡା,୨୭।୫(ଡି.ଏନ୍.ଏ.) ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବଜାର ଓ ଏହାର ଆଖପାଖ ଅଞ୍ଚଳରେ ଏଣେତେଣେ ବୁଲୁଥିବା ଜଣେ ମାନସିକ ବିକୃତ ମହିଳାଙ୍କ ଗଳିତ ମୃତଦେହକୁ ସୋମବାର ସନ୍ଧ୍ୟା ୭ଟାରେ କୁଆଁରମୁଣ୍ଡା ଫାଣ୍ଡି ପୋଲିସ ସରକାରୀ ଡାଏରି ଫାର୍ମର ଭଙ୍ଗା ଘରୁ ଜବତ କରିଛି। ମହିଳାଙ୍କ ପରିଚୟ ମିଳି ନ ଥିବାବେଳେ ପୋଲିସ ଏ ନେଇ ତଦନ୍ତ କରୁଛି। ମୃତ୍ୟୁର କାରଣ ମଧ ଜଣାପଡ଼ି ନାହିଁ।

# ସମ୍ବଲପୁରରେ ଖୋଲିଲା ଆମ୍ବ ବଜାର

■ ପ୍ରାକୃତିକ ପ୍ରଣାଳୀରେ ପାଚିଥିବା ଆମ୍ବ ମିଳୁଛି ■ ଚାଷୀଙ୍କଠାରୁ ସୁବିଧା ଦରରେ କିଣୁଛନ୍ତି ଗ୍ରାହକ

ସମ୍ବଲପୁର,୨୭।୫(ବ୍ୟୁରୋ)

ସମ୍ବଲପୁର ଜେଲଛକ ନିକଟସ୍ଥ କଲ୍ୟାଣ ମଣ୍ଡପଠାରେ ସୋମବାର ସ୍ୱତନ୍ତ୍ର ଆମ୍ବ ବଜାର ଖୋଲା ଯାଇଛି। କୃଷି ଉଦ୍ୟାନ ବିଭାଗ ଓ ଓରମାସ୍ ପକ୍ଷରୁ ଖୋଲାଯାଇଥିବା ଏହି ବଜାରକୁ ଜିଲାପାଳ ଶୁଭମ ସକସେନା ଉଦ୍‌ଘାଟନ କରିଛନ୍ତି। ଜିଲାର ବିଭିନ୍ନ ବ୍ଲକରୁ ଚାଷୀମାନେ ନିଜ ବଗିଚାରୁ ଉତ୍ପାଦିତ ଆମ୍ବ ଧରି ଏହି ବଜାରରେ ବିକ୍ରି କରିବାକୁ ଆସିଛନ୍ତି। ଚାଷୀମାନଙ୍କ ପାଇଁ ସ୍ୱତନ୍ତ୍ର ଷ୍ଟଲ ବ୍ୟବସ୍ଥା କରାଯାଇଛି। ଲତା, ଆମ୍ରପଲି, ଲେଙ୍ଗେଡା, ହେମସାଗର, ମହମ୍ମଦ ବାହାର, ଦଶେରୀ, ଆଲଫାନ, ମଲିକା ଆଦି କିସମର ଆମ୍ବ ଏହି ବଜାରରେ ଉପଲବ୍ଧ ରହିଛି। ଗ୍ରାହକମାନଙ୍କୁ ଉଚିତ ଦରରେ ଆମ୍ବ ଯୋଗାଇ ଦେବାକୁ ଏହି ବଜାରରେ ଗୁରୁତ୍ୱାରୋପ କରାଯାଇଛି। ଚାଷୀଙ୍କୁ ମଧ ଅଧିକ ଲାଭ ମିଳିବ ବୋଲି ଉଦ୍ୟାନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଏହି ବଜାରରୁ ଦିଲୀ ବଜାରକୁ ଆମ୍ବ ପଠାଯିବା ପାଇଁ ପ୍ରସ୍ତୁତି ସରିଛି। ଏ ନେଇ ଚାଷୀ ପ୍ରାଣ ନାରାୟଣ ନାଏକ କହିଛନ୍ତି, ଏହି ବଜାର ଆମ୍ବ ଚାଷୀଙ୍କ ପାଇଁ ଏକ ପ୍ଲାଟଫର୍ମ। ବେପାରୀମାନଙ୍କ ଶୋଷଣରୁ ଆମ୍ବ ଚାଷୀ ମୁକ୍ତି ପାଇବେ। ବେପାରୀମାନେ ଚାଷୀଙ୍କ ପାଖରୁ କିଲୋ ପ୍ରତି ୨୦ ଟଙ୍କାରେ ଆମ୍ବ କିଣି ୪୦ରୁ ୬୦ ଟଙ୍କାରେ ଲୋକଙ୍କୁ ବିକ୍ରି କରୁଛନ୍ତି । ଏଣୁ ଚାଷୀମାନଙ୍କୁ ଦର ମିଳି ନାହିଁ। ଗ୍ରାହକମାନେ ଅଧିକ ଦର ଦେଇ କିଣୁଛନ୍ତି । ଏହି ବଜାରକୁ ଆସୁଥିବା ଆମ୍ବଗୁଡିକ ପ୍ରାକୃତିକ ଉପାୟରେ ପଚା ଯାଉଛି। ଏଥିପାଇଁ ଗଛର ପତ୍ର, ଗୋବର ପାଣି, ପାଳ ବ୍ୟବହାର କରାଯାଉଛି । ତେଣୁ ଏହା ସ୍ୱାସ୍ଥ୍ୟ ପ୍ରତି ହାନୀକାରକ ନୁହେଁ। ବଜାର ଖୋଲିବା ଫଳରେ ଚାଷୀମାନେ ଲାଭବାନ ହୋଇ ପାରିବେ ବୋଲି ସେ କହିଛନ୍ତି। ସେହିପରି ଜଣେ ଗ୍ରାହକ କହିଛନ୍ତି, ସମ୍ବଲପୁର ସହରରେ ଏକ ସ୍ୱତନ୍ତ୍ର ଫଳ ବଜାର କରାଯାଉ । ସିଜନ ଅନୁସାରେ ଉତ୍ପାଦିତ ହେଉଥିବା ଫଳଗୁଡିକ ସେହି ବଜାରରେ ବିକ୍ରି କରାଯାଉ । ଫଳରେ ଚାଷୀ ଓ ଗ୍ରାହକମାନଙ୍କୁ ଲାଭ ମିଳିବ । ସୂଚନାଯୋଗ୍ୟ, ୩୦ ଜଣ ଚାଷୀ ଏଠାକୁ ଆମ୍ବ ବିକିବାକୁ ଆସିଛନ୍ତି। ୩



ସମ୍ବଲପୁରରେ ଆମ୍ବବଜାର ଉଦ୍‌ଘାଟନ ଅବସରରେ ଜିଲାପାଳ ଓ ଅନ୍ୟମାନେ ବୁଲି ଦେଖୁଛନ୍ତି।

ଏଜେନ୍ସି ମଧ ୭୦ ଜଣ ଚାଷୀଙ୍କ ଆମ୍ବ ସଂଗ୍ରହ କରି ବିକ୍ରି କରିବାକୁ ଆସିଛି। ୨୦ କିସମର ଆମ୍ବ ଏହି ବଜାରରେ ଉପଲବ୍ଧ ରହିଛି। ଏଠାରେ ୧୫୦ କୁଇଣ୍ଟାଲ ଆମ୍ବ ବିକ୍ରି କରିବାର ଲକ୍ଷ୍ୟ ରଖାଯାଇଛି। ପିଡି ଡିଆରଡିଏ ସୁକାନ୍ତ ତ୍ରିପାଠି, ଏଡିଏମ୍ ଅଜୟ କୁମାର ଜେନା, କୃଷି ଉଦ୍ୟାନ ବିଭାଗ ଉପ ନିର୍ଦ୍ଦେଶକ ରଞ୍ଜନ ଦାସ ମହାପାତ୍ର, ଏଜିଏମ (ନାବାର୍ଡ) ଦେବେଶ ବେହେରା, ଓରମାସ ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀମନ୍ତ ହୋତାଙ୍କ ସମେତ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ।

### 'ୱାର୍ଡ' ପକ୍ଷରୁ 'ଜୀବନ ସମ୍ପର୍କ' ସମ୍ବନ୍ଧୀୟ କର୍ମଶାଳା

ଦେବଗଡ଼,୨୭।୫(ସ୍ୱ.ପ୍ର):

ଟ୍ରାଫିକ୍ ଛକ ସ୍ଥିତ ଏକ ହୋଟେଲରେ ସ୍ୱେଚ୍ଛାସେବୀ ସଙ୍ଗଠନ 'ୱାର୍ଡ' ପକ୍ଷରୁ 'ଜୀବନ ସମ୍ପର୍କ' ସମ୍ବନ୍ଧୀୟ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ସିଡିଏମଓ ଡାକ୍ତର ଜଗଦୀଶ ବାରିକ ଏହାକୁ ଉଦ୍‌ଘାଟନ କରିଥିଲେ । ଜିଲା ମଙ୍ଗଳ ଅଧିକାରୀ ସିପ୍ରା ସେଠୀ, ଜିଲା ସମାଜ ମଙ୍ଗଳ ଅଧିକାରୀ ରୋଜାଲିନ କେର୍କେଟ୍ଟା, ପାଉଡିଭୂୟା ଉନ୍ନୟନ ସଂସ୍ଥା ଓ ଓପିଲିପିର ପ୍ରକଳ୍ପ ମ୍ୟାନେଜର ବରୋଦା ଶଙ୍କର ମିତ୍ର, ବାରକୋଟ ବ୍ଲକର ବିଡିଓ ଗୁନୁ ମେହେର, ଜାତୀୟ ସ୍ୱାସ୍ଥ୍ୟ ମିଶନର ଦେବଗଡ ଜିଲା ପ୍ରକଳ୍ପ ପରିଚାଳକ ମନୋରଞ୍ଜନ ମିଶ୍ର, ବାର୍‌କୋଟ ସିଡିପିଓ ପ୍ରବୀଣା ମିଶ୍ର ଓ ଆଇଆର୍‌ଡିଏମ୍‌ଏସ୍ ସଙ୍ଗଠନର ଫିଲ୍ଡ ଅଫିସର ପ୍ରମୁଖ ଯୋଗ ଦେଇ ପାଉଡିଭୂୟାଁ ଉନ୍ନୟନ ସଂସ୍ଥା ଓ ଓପିଲିପି ଅଧୀନ ପାଉଡିଭୂୟାଁ ଅଞ୍ଚଳରେ ସ୍ୱାସ୍ଥ୍ୟ ଓ ପୁଷ୍ଟିକର ଖାଦ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ । ବାରକୋଟ ବ୍ଲକରେ ପାଉଡିଭୂୟାଁମାନେ ରହୁଥିବା ୯ଟି ଯାକ ପଞ୍ଚାୟତରେ ସମସ୍ତ ବିଭାଗର ସହଭାଗିତାରେ 'ଜୀବନ ସମ୍ପର୍କ'କୁ ସଫଳ କରିବାକୁ ଉପସ୍ଥିତ ସମ୍ପୃକ୍ତ ପଞ୍ଚାୟତଗୁଡିକର ସରପଞ୍ଚ ଓ ସିଆର୍‌ପିମାନେ ସଂକଳ୍ପ ନେଇଥିଲେ । କର୍ମଶାଳା ପ୍ରାରମ୍ଭରେ 'ୱାର୍ଡ'ର ସମ୍ପାଦିକା ପ୍ରମିଳା ପଣ୍ଡା ସ୍ୱାଗତ ଭାଷଣ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଶେଷରେ 'ୱାର୍ଡ' ଅନୁଷ୍ଠାନର ରଞ୍ଜନ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ବାତ୍ୟାଞ୍ଚଳକୁ ପଠାଗଲା ୫୦ ହଜାର ଲିଟର ପାଣି

ଟେନସା,୨୭।୫(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଟେନସାସ୍ଥିତ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ୍‌ର ଟିଆର୍‌ବି ଲୌହ ଖଣି ପକ୍ଷରୁ ବାତ୍ୟା ଫନୀ ଦ୍ୱାରା ସର୍ବାଧିକ କ୍ଷତିଗ୍ରସ୍ତ ପୁରୀ ଜିଲାକୁ ୫୦ ହଜାର ଲିଟର ପିଇବା ପାଣି ଯୋଗାଇ ଦିଆଯାଇଛି। ଖଣି ମୁଖ୍ୟ ତଥା କମ୍ପାନୀ ଉପସଭାପତି ପ୍ରମୋଦ କୁମାର ପାତ୍ର କହିଛନ୍ତି, ସୁନ୍ଦରଗଡ଼ ଜିଲା ପ୍ରଶାସନ ଜରିଆରେ ପୁରୀ ଜିଲାର କ୍ଷତିଗ୍ରସ୍ତ ଗାଁଗୁଡ଼ିକୁ ଏହି ପାଣି ଯୋଗାଇ ଦିଆଯାଇଛି। ଏହି ପାଣି ବୋତଲଗୁଡ଼ିକୁ ପୁରୀ ଜିଲାପାଳଙ୍କୁ ହସ୍ତାନ୍ତର କରାଯାଇଛି। ଜିଲାର ସର୍ବାଧିକ କ୍ଷତିଗ୍ରସ୍ତ ଗ୍ରାମବାସୀଙ୍କ ମଧରେ ଏହାକୁ ବଣ୍ଟନ କରାଯାଇଛି। କମ୍ପାନୀ ପକ୍ଷରୁ ଏଭଳି ଜନହିତକର କାର୍ଯ୍ୟ ଭବିଷ୍ୟତରେ ମଧ ଜାରି ରହିବ ବୋଲି ପାତ୍ର କହିଛନ୍ତି। ସୂଚନାଯୋଗ୍ୟ, ଜେଏସ୍‌ପିଏଲ୍ ଫାଉଣ୍ଡେଶନ ପକ୍ଷରୁ ପୁରୀରେ ୧୦ ଦିନ ଧରି ପ୍ରତ୍ୟେକ ଦିନ ୧୦ହଜାର ବାତ୍ୟା ବିପନ୍ନଙ୍କୁ ଜିଲା ପ୍ରଶାସନ ସହଭାଗୀତାରେ ରନ୍ଧାଖାଦ୍ୟ ବଣ୍ଟନ କରାଯାଇଥିଲା। କମ୍ପାନୀ ଏକ୍‌ଜିକ୍ୟୁଟିଭ୍ ଭାଇସ୍ ପ୍ରେସିଡେଣ୍ଟ ତଥା ଗ୍ରୁପ୍ ମୁଖ୍ୟ (ସିଏସ୍‌ଆର୍, ଏଜୁକେଶନ୍ ଓ ସଷ୍ଟେନେବିଲିଟି) ପ୍ରଶାନ୍ତ କୁମାର ହୋତା ଏହି ରନ୍ଧାଖାଦ୍ୟ ବଣ୍ଟନ ବ୍ୟବସ୍ଥା ତଦାରଖ କରିବା ସହ ସ୍ଥାନୀୟ ସ୍ୱେଚ୍ଛାସେବୀମାନଙ୍କୁ ବିଭିନ୍ନ ସାମଗ୍ରୀ ହସ୍ତାନ୍ତର କରିଥିଲେ।




ବାତ୍ୟା ପ୍ରଭାବିତ ଅଞ୍ଚଳକୁ ପଠାଯିବା ପାଇଁ ଟ୍ରକ୍‌ରେ ପାଣି ବୋତଲ ବୋଝେଇ ହୋଇଛି।

## ଆମ ପୋଲିସ ସମିତି ବୈଠକ

ଲହୁଣୀପଡ଼ା,୨୭।୫(ଡି.ଏନ୍.ଏ.)

ଲହୁଣୀପଡ଼ା ଥାନା ପରିସରରେ ରବିବାର ସନ୍ଧ୍ୟାରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଛି। ଭାରପ୍ରାପ୍ତ ଥାନା ଅଧିକାରୀ ପ୍ରେମଜିତ ଦାଶ ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସଦସ୍ୟମାନେ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିବା ସହ ଏହାର ସମାଧାନ ପାଇଁ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ଏହି ଥାନା ଅଞ୍ଚଳ ଦେଇ ଦୁଇଟି ଜାତୀୟ ରାଜପଥ ଗୋଟିଏ ରାଜ୍ୟ ରାଜପଥ ଯାଇଛି। କୋଇଡ଼ା, ଟେନସା, ବରସୁଆଁ ଖଣି ଅଞ୍ଚଳରୁ ପ୍ରତ୍ୟେକ ଦିନ ଶହ ଶହ ଗାଡ଼ି ରାଜପଥରେ ଯାତାୟାତ କରୁଥିବାରୁ ପ୍ରତ୍ୟେକ ଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏଣୁ ଆବଶ୍ୟକ ସ୍ଥାନରେ ସ୍ପିଡ୍ ବ୍ରେକର ନିର୍ମାଣ, ପାଟ୍ରୋଲିଂ କରିବା, ବେଆଇନ ମଦ କାରବାର ବନ୍ଦ କରିବାକୁ ଦାବି କରାଯାଇଛି। ଭାଟି କର୍ତ୍ତୃପକ୍ଷ ମଦ ବିକ୍ରି କରିବା ପାଇଁ ବାଧ କରୁଛନ୍ତି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ମନ୍ଦିର ଛକ ଅଟୋଷ୍ଟାଣ୍ଡ ଚାଳକମାନଙ୍କ ଦୌରାତ୍ମ୍ୟ ବନ୍ଦ କରିବାକୁ ଦାବି ହୋଇଥିଲା। ବୈଠକରେ ଯୁଧିଷ୍ଠିର ତ୍ରିପାଠୀ, ଭୁବନେଶ୍ୱର ବେହେରା, ଉପେନ୍ଦ୍ର ବେହେରା, ପ୍ରଦୀପ ବେହେରା, ବିଭୂତିଭୂଷଣ କର, ରମେଶ ଚନ୍ଦ୍ର କର, ଦାଶରଥି ପଣ୍ଡା, ପର୍ଶୁରାମ ଓରାମ, ମୁରଲୀଧର ମୁଣ୍ଡା, ମନୋରଞ୍ଜନ ମାହାନ୍ତ, ଆନନ୍ଦ ଚନ୍ଦ୍ର ମାହାନ୍ତ, ସୁଜିତ ମହାପାତ୍ର, ଅଜୟ କୁମାର ପ୍ରମୁଖ ଯୋଗଦେଇଥିଲେ। ପୋଲିସ ଅଧିକାରୀ ସୁନୀତା ଓରାମ ଧନ୍ୟବାଦ ଦେଇଥିଲେ। ମଧୁସ୍ମିତା ସିଂ, ଅଶୋକ ବିଶୋଇ, ତପନ ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଆମ ପୋଲିସ ସମିତି ବୈଠକରେ ଉପସ୍ଥିତ ଥାନା କର୍ମଚାରୀ ଓ ସଦସ୍ୟ।

## ୪୨ ଡିଗ୍ରୀ ଉପରେ ତାପମାତ୍ରା

■ଅସହ୍ୟ ତାତି, ପଶୁପକ୍ଷୀ ଡହଳବିକଳ ■ପାଣି ଯୋଗାଇବାକୁ ଦାବି

ରାଜଗାଙ୍ଗପୁର/କୁତ୍ରା, ୨୭।୫ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଓ କୁତ୍ରା ବ୍ଲକ ଅଞ୍ଚଳରେ ତାପମାତ୍ରା ୪୨ ଡିଗ୍ରୀ ଉପରେ ରହୁଛି। ଫଳରେ ଅସହ୍ୟ ତାତି ଅନୁଭୂତ ହେଉଛି। ତାପମାତ୍ରା ବଢୁଥିବାବେଳେ ନଦୀ, ପୋଖରୀ ଶୁଖିଯାଇଥିବାରୁ ପାଣି ପାଇଁ ପଶୁପକ୍ଷୀ ଡହଳବିକଳ ହେଉଛନ୍ତି। ସେମାନଙ୍କୁ ପାଣି ଯୋଗାଇ ଦେବା ଦିଗରେ ପ୍ରଶାସନ ପଦକ୍ଷେପ ନେବାକୁ ଦାବି ହେଉଛି। ପ୍ରବଳ ଖରା, ଗୁଳୁଗୁଳି ଯୋଗୁ ଲୋକ ଅସ୍ତବ୍ୟସ୍ତ ହୋଇ ପଡୁଛନ୍ତି। ସକାଳ ୮ଟାରୁ ତାପମାତ୍ରା ବୃଦ୍ଧି ପାଇ ପୂର୍ବାହ୍ନ ୧୧ଟା ପରେ ପ୍ରଚଣ୍ଡ ତାତି ଅନୁଭୂତ ହେଉଛି। ଫଳରେ ରାସ୍ତାଘାଟ ଶୂନଶାନ ହୋଇପଡୁଛି। ଦିନ ସମୟରେ ବଡ଼ ଗଛ ଛାଇରେ ଲୋକେ ସମୟ ବିତାଉଥିବା ଦେଖାଯାଉଛି। ସେହିପରି ତାପମାତ୍ରା ବୃଦ୍ଧି ସହ ଥଣ୍ଡା ପାନୀୟର ଚାହିଦା ବଢ଼ି ଚାଲିଛି। ଲସି ସର୍ବତ ଦୋକାନରେ ପ୍ରବଳ ଭିଡ଼ ଜମୁଛି। ଅନ୍ୟପକ୍ଷରେ ପ୍ରଶାସନ ପକ୍ଷରୁ ପର୍ଯ୍ୟାପ୍ତ ଜଳଛତ୍ର ଖୋଲାଯାଇ ନ ଥିବାରୁ ପାଣି ଟୋପେ ପାଇଁ ପଥଚାରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। କିଛି ବର୍ଷ ପୂର୍ବେ ଗ୍ରୀଷ୍ମ ଋତୁରେ ବିଭିନ୍ନ ଶୁଖିଲା ପୋଖରୀ ତଥା ଖେତରେ ଚହଲା ଖୋଲାଯାଇ ପଶୁପକ୍ଷୀଙ୍କ ପାଇଁ ପାଣି ବ୍ୟବସ୍ଥା କରାଯାଉଥିଲା। ହେଲେ କିଛିବର୍ଷ ହେବ ଏହା କରାଯାଉ ନାହିଁ। ଫଳରେ ପଶୁପକ୍ଷୀ ଏଣେତେଣେ ଘୂରି ବୁଲୁଥିବା ଦେଖିବାକୁ ମିଳୁଛି। ସମୟ ସମୟରେ ବିଦ୍ୟୁତ୍ କାଟ ହେଉଥିବାରୁ ଲୋକଙ୍କ ଦୁର୍ଦ୍ଦଶା ଦ୍ୱିଗୁଣିତ ହୋଇଯାଉଛି। ପ୍ରଶାସନ ଜନସାଧାରଣ ଓ ପଶୁପକ୍ଷୀଙ୍କ ପାଇଁ ପିଇବା ପାଣି ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।

## ତଳସରା ବିଧାୟକଙ୍କୁ ବିଡିଓ, ବ୍ଲକ ଅଧ୍ୟକ୍ଷଙ୍କ ସ୍ୱାଗତ

ସବଡେଗା,୨୭।୫(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ତଳସରା ନିର୍ବାଚନ ମଣ୍ଡଳୀର ନବନିର୍ବାଚିତ ଭାଜପା ବିଧାୟକ ଭବାନୀଶଙ୍କର ଭୋଇଙ୍କୁ ସୋମବାର ସବ୍‌ଡେଗା ବ୍ଲକ ଅଧକ୍ଷ ମନୋଜ ବାରୁଆ ଓ ବିଡିଓ ଲମ୍ବୋଧର ଧୁରୁଆ ଫୁଲତୋଡ଼ା ଦେଇ ସ୍ୱାଗତ କରିଛନ୍ତି। ଭୋଇ ପୂର୍ବରୁ ସବଡେଗା ବ୍ଲକ ଯମୁନା ପଞ୍ଚାୟତ ସମିତିସଭ୍ୟ ରହିଥିଲେ। ସୋମବାର ସେ ବ୍ଲକ କାର୍ଯ୍ୟାଳୟ ଯାଇ ସମିତିସଭ୍ୟ ପଦବୀରୁ ଇସ୍ତଫାପତ୍ର ବ୍ଲକ ଅଧକ୍ଷ ଓ ବିଡିଓଙ୍କୁ ପ୍ରଦାନ କରିଥିଲେ। ଅନ୍ୟପକ୍ଷରେ ଟାଙ୍ଗରଗାଁ ସମିତି ସଭ୍ୟାଙ୍କର ମଧ ଦୁଇମାସ ପୂର୍ବରୁ କୌଣସି କାରଣରୁ ମୃତ୍ୟୁ ହୋଇଥିଲା। ଭୋଇ ଇସ୍ତଫା ଦେବା ପରେ ଏବେ ଉଭୟ ପଞ୍ଚାୟତର ସମିତିସଭ୍ୟ ପଦବୀ ଖାଲି ହୋଇଛି। ଆସନ୍ତା ୫ମାସ ମଧରେ ଏହି ଦୁଇ ପଞ୍ଚାୟତର ସମିତିସଭ୍ୟ ପଦବୀ ପାଇଁ ନିର୍ବାଚନ କରାଯିବ ବୋଲି ବିଡିଓ କହିଛନ୍ତି।



ବିଧାୟକଙ୍କୁ ବ୍ଲକ କାର୍ଯ୍ୟାଳୟରେ ଫୁଲତୋଡ଼ା ଦେଇ ସ୍ୱାଗତ କରାଯାଉଛି।

### ରାସ୍ତା ଜବରଦଖଲ

ଦେବଗଡ଼,୨୭।୫(ସ୍ୱ.ପ୍ର) ବାରକୋଟ ବ୍ଲକର ଗୟଳମରା ରାସ୍ତାରୁ ବଡମାଣପୁର ଗ୍ରାମଦେଇ ଯାଉଥିବା ପ୍ରଧାନମନ୍ତ୍ରୀ ଗ୍ରାମସଡକ ଅଣଓସାରିଆ ହେଉଥିବା ନେଇ ସୋମବାର ବଡମାଣପୁର ଗ୍ରାମବାସୀ ଦେବଗଡ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, ଗୟଳମରା ଆର୍‌ଡି ରାସ୍ତାରୁ ବଡମାଣପୁର ଗ୍ରାମ ମଧଦେଇ ଯାଉଥିବା ପ୍ରଧାନମନ୍ତ୍ରୀ ଗ୍ରାମସଡକ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଉକ୍ତ ଗ୍ରାମର କିଛି ବ୍ୟକ୍ତି ବେଆଇନ ଜବରଦଖଲ ଯୋଗୁ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ରାସ୍ତାଟି ଅଣଓସାରିଆ ଭାବେ ନିର୍ମାଣ ହେଉଛି।

## ଜିଲା ଅମଲା ସଂଘ ସଭାପତିଙ୍କ ସ୍ୱେଚ୍ଛାକୃତ ଅବସର

ସୁନ୍ଦରଗଡ଼,୨୭।୫(ଡି.ଏନ୍.ଏ.)

ଜିଲା କାର୍ଯ୍ୟାଳୟର ଉପ ବିଭାଗ ଅଧିକାରୀ ତଥା ଜିଲା ଅମଲା ସଂଘ ସଭାପତି ଲୀଳାଧର କାଲୋ ସ୍ୱେଚ୍ଛାକୃତ ଅବସର ଗ୍ରହଣ ପାଇଁ ଜିଲାପାଳଙ୍କୁ ଆବେଦନ କରିଛନ୍ତି। ସେ ଗତ ୩ ଦଶନ୍ଧି ଧରି ରାଜସ୍ୱ ବିଭାଗ ଅଧୀନରେ ଜିଲାର ବିଭିନ୍ନ କାର୍ଯ୍ୟାଳୟରେ ଦକ୍ଷତାର ସହ କାର୍ଯ୍ୟ କରିଥିଲେ। ଲୀଳାଧର ରାଜସ୍ୱ ଅମଲା ଥାଇ ମଧ ବିଗତ ଦିନରେ ରାଜସ୍ୱ ଅମଲା ସଂଘ କେତେକ ଅଯୌକ୍ତିକ ଦାବି ରଖି ସମଗ୍ର ରାଜ୍ୟରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରି ଲୋକଙ୍କୁ ହଇରାଣ କରିଥିବା ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ଲୋକଙ୍କୁ ହଇରାଣ ନ କରି ସରକାରଙ୍କ ପାଖରେ ଯୁକ୍ତିଯୁକ୍ତ ଦାବି ରଖିବାକୁ ସେ ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ, ୨୦୨୬ରେ ଲୀଳାଧର ଅବସର ଗ୍ରହଣ କରିବାର ଥିଲା। ପୂର୍ବରୁ କାହିଁକି ସ୍ୱେଚ୍ଛାକୃତ ଅବସର ଗ୍ରହଣ କରୁଛନ୍ତି ବୋଲି ପଚରାଯିବାରୁ ଅବଶିଷ୍ଟ ଜୀବନ ଜନ୍ମମାଟି ବାଲିଶଙ୍କରା ବ୍ଲକ ଭଣ୍ଡାର କରୁଆବାହାଲ ଗ୍ରାମରେ ଅତିବାହିତ କରିବେ ବୋଲି ସେ କହିଛନ୍ତି।



ଲୀଳାଧର କାଲୋ ଜିଲାପାଳଙ୍କ ନିକଟରେ ସ୍ୱେଚ୍ଛାକୃତ ଅବସର ଗ୍ରହଣ ପାଇଁ ଆବେଦନ କରୁଛନ୍ତି।

**ଧରିତ୍ରୀ ପ୍ରଭାବ**

### ରାସ୍ତାରେ ପଡ଼ିଲା ମୋରମ

ବଡ଼ଗାଁ,୨୭।୫(ଡି.ଏନ୍.ଏ.)

୧୦ନଂ ଜାତୀୟ ରାଜପଥର ସୁନ୍ଦରଗଡ଼ ଜିଲା ବଡ଼ଗାଁ ବସ୍‌ଷ୍ଟାଣ୍ଡଠାରୁ ଫୁଲବାରୀ ଗାଁକୁ ସଂଯୋଗ କରୁଥିବା ମାଟି ରାସ୍ତାକୁ ନିର୍ବାଚନ ପୂର୍ବରୁ ମରାମତି କରାଯାଇଥିଲା। ଚିକିଟା ମାଟିରେ ରାସ୍ତା ମରାମତି କରାଯିବାରୁ ସ୍ଥାନୀୟ ଲୋକେ ଏହାକୁ ବିରୋଧ କରିଥିଲେ। କିନ୍ତୁ ଏଥିପ୍ରତି କେହି କର୍ଣ୍ଣପାତ କରି ନ ଥିଲେ। ସାମାନ୍ୟ ବର୍ଷା ହେଲେ ବାଇକ୍ ଓ ସାଇକେଲ ଚାଳକ କଚାଡ଼ି ହୋଇ ପଡୁଥିଲେ। ଏ ସମ୍ପର୍କରେ ରବିବାର ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ପଞ୍ଚାୟତ ପକ୍ଷରୁ ସେହିଦିନ ଅପରାହ୍ନରେ ରାସ୍ତାରେ ମୋରମ ପକାଇ ସମତଳ କରାଯାଇଛି।

## ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ଉଦ୍‌ଘାଟିତ




ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଅତିଥି ଓ ଯୁବତୀ ଯୁବକ।

ବଡ଼ଗାଁ,୨୭।୫(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଜରଙ୍ଗଲୋଇ ଗ୍ରାମ ଗ୍ରାମୋତ୍ଥାନ ସଂଶୋଧନ କେନ୍ଦ୍ର ପରିସରରେ ସୋମବାର ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ଉଦ୍‌ଘାଟିତ ହୋଇଛି। ଏଥିରେ ବଡ଼ଗାଁ ବିଡିଓ କ୍ଷମାନିଧି ଭୋଇ, ତହସିଲଦାର ସୋନାଲି ଚାନ୍ଦ, ଜିଲା ପରିଷଦ ସଭ୍ୟା ସ୍ନେହଲତା ବେଜି, ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ମିଞ୍ଜ, ଏକଲ ଅଭିଯାନ ସଂରକ୍ଷକ ରଞ୍ଜନ ପଟେଲ, ଭାଜପା ଜିଲା କର୍ମକର୍ତ୍ତା ଉପାଧ୍ୟାୟ ପାଣିଗ୍ରାହୀ, ଫକୀର ପୃଷେଟ, ଦିଲୀପ ସେନାପତି, ଗୋପାଳ ବେଜି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଭାରତ ସରକାରଙ୍କ ଏହି ଯୋଜନା ସମ୍ପର୍କରେ ଗ୍ରାମୋତ୍ଥାନ ସଂଶୋଧନ କେନ୍ଦ୍ର କର୍ମକର୍ତ୍ତା ଅର୍ଜୁନ ଶର୍ମା, ଲାଲମୋହନ ମାହାତୋ ଲୋକଙ୍କୁ ବୁଝାଇଥିଲେ। ଗାଁର ଶିକ୍ଷିତ ଯୁବତୀ ଯୁବକଙ୍କୁ ଧନ୍ଦାମୂଳକ ଶିକ୍ଷା, ତାଲିମ ପ୍ରଦାନ କରି ଆତ୍ମନିର୍ଭରଶୀଳ କରାଇବା ଯୋଜନାର ଉଦ୍ଦେଶ୍ୟ। ଜରଙ୍ଗଲୋଇ କେନ୍ଦ୍ରରେ ୧୨୦ ଯୁବତୀ ଯୁବକଙ୍କୁ କମ୍ପ୍ୟୁଟର ଓ ଅନ୍ୟ ୧୨୦ ଜଣଙ୍କୁ ଫିଟର ତାଲିମ ପ୍ରଦାନ କରାଯିବ। ପ୍ରଥମ ବ୍ୟାଚରେ ୨୪୦ ଜଣଙ୍କୁ ତାଲିମ ଦିଆଯିବ ବୋଲି ସୂଚନା ମିଳିଛି। ଶେଷରେ ଏକଲ ଅଭିଯାନ ସଭାପତି ସନ୍ତୋଷ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।



ସତ୍ୟ, ଶାନ୍ତି, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହି ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
- ଶ୍ରୀ ଅଭିରାମ ପରମହଂସ



## ସଂକ୍ଷେପରେ

### ଦୁର୍ଘଟଣାରେ ଗୁରୁତର ଯୁବକଙ୍କ ମୃତ୍ୟୁ

**ପଡିଆବାହାଲ,୨୭।୫ (ଡି.ଏନ.ଏ.):** ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ୍ ତଥା ସଦର ଥାନା ଅଧୀନ ପଧାନପାଲି ଶିବ ମନ୍ଦିର ନିକଟରେ ଗତ ୨୧ ତାରିଖରେ ଏକ ଦୁର୍ଘଟଣା ଘଟିଥିଲା। ଏକ ଅଜଣା ଗାଡି ଧକ୍କାରେ ରମେଶ ଯାଦବ (୨୭) ନାମକ ଜଣେ ଯୁବକ ଏଥିରେ ଗୁରୁତର ଆହତ ହୋଇ ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଶେଷରେ ତାଙ୍କର ମୃତ୍ୟୁ ଘଟିଛି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର ହୋଇଥିଲା। ଏହାପରେ ଘର ଲୋକେ ସମ୍ବଲପୁର ରାଜଘାଟରେ ଅନ୍ତିମ ସଂସ୍କାର କରିଛନ୍ତି। ତେବେ ରମେଶଙ୍କ ମୃତ୍ୟୁ ପରେ ତାଙ୍କ ସ୍ତ୍ରୀ ୨ ଶିଶୁ କନ୍ୟାଙ୍କୁ ନେଇ ଅସହାୟ ହୋଇପଡିଛନ୍ତି।

### ଗୁପଚୁପ୍ ବିକାଳିଙ୍କୁ ମାରପିଟ କରି ଅଭିଯୁକ୍ତ ଗିରଫ

**ସମ୍ବଲପୁର,୨୭।୫(ବ୍ୟୁରୋ)-** ସମ୍ବଲପୁର ଶାସନ ଥାନା ଗୁଡେସିଂହା ଗ୍ରାମ ନିକଟରେ ଅମରଜିତ ସାହାଣି ନାମକ ଜଣେ ଗୁପଚୁପ ବିକାଳିଙ୍କୁ ମାଡପିଟ ହୋଇଥିଲା । ଅଭିଯୋଗ କ୍ରମେ ପୋଲିସ ଅଭିଯୁକ୍ତ ସଦର ଥାନା ଅନ୍ତର୍ଗତ ଠେମରା ଗ୍ରାମର ଟୁନା ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଏହି ଘଟଣାରେ ଆଉ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି । ଏ ନେଇ ଥାନାରେ ୧୦୩ /୧୯ରେ ଏକ ମାମଲା ରୁଜୁ ହୋଇଛି । ସୂଚନା ଯୋଗ୍ୟ ଅଭିଯୁକ୍ତମାନେ ୪୦ ଟଙ୍କାର ଗୁପଚୁପ ଖାଇଥିଲେ । ଅମରେନ୍ଦ୍ର ଟଙ୍କା ମାଗିବାରୁ ନ ଦେଇ ମାଡପିଟ କରି ୪୫୦ ଟଙ୍କା ଲୁଟି ନେଇଥିଲେ । ଏ ନେଇ ଅମରେନ୍ଦ୍ର ଥାନାରେ ଅଭିଯୋଗ କରିଥିଲେ। ଏହାପରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।



### ବରଗଡ଼ ଜିଲା କଂଗ୍ରେସ ସଭାପତିଙ୍କ ଇସ୍ତଫା

**ବରଗଡ଼ ଅଫିସ୍/ପାଇକମାଲ,୨୭।୫** ବରଗଡ଼ ଜିଲା କଂଗ୍ରେସ ସଭାପତି ସତ୍ୟଭୂଷଣ ସାହୁ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଗତ ସାଧାରଣ ନିର୍ବାଚନରେ ଜିଲାରେ ଦଳର ଶୋଚନୀୟ ପରାଜୟ ପାଇଁ ସେ ନିଜକୁ ଦାୟୀ କରିଛନ୍ତି । ସେ ତାଙ୍କ ଇସ୍ତଫାପତ୍ର ପିସିସି ସଭାପତିଙ୍କ ପାଖକୁ ପଠାଇ ଦେଇଥିବା କହିଛନ୍ତି। ଉଲ୍ଲେଖନୀୟ, ବରଗଡ଼ ଜିଲାର ୫ ବିଧାନସଭା ଆସନରୁ କୌଣସିଥିରେ କଂଗ୍ରେସ ବିଜୟ କରିବା ତ ଦୂରର କଥା, ସନ୍ତୋଷଜନକ ଭୋଟ୍ ମଧ୍ୟ ପାଇ ପାରି ନ ଥିଲା । ଏପରିକି ନିଜେ ଜିଲା କଂଗ୍ରେସ ସଭାପତି ସାହୁ ପଦ୍ମପୁର ଆସନରୁ ହାରିବା ସହିତ ତୃତୀୟ ସ୍ଥାନରେ ରହିଥିଲେ ।



### ପୂର୍ବତନ ଜିଲା ପରିଷଦ ସଭ୍ୟଙ୍କ ପରଲୋକ

**ଗାଇସିଲେଟ୍,୨୭।୫(ଡି.ଏନ.ଏ)** ବରଗଡ଼ ଜିଲା ଗାଇସିଲେଟ ବ୍ଲକର ପୂର୍ବତନ ଜିଲା ପରିଷଦ ସଭ୍ୟ ପ୍ରସନ୍ନ କୁମାର ସାହୁଙ୍କ ସୋମବାର ଅପରାହ୍ନ ୨ଟାରେ ଭାଙ୍ଗମୁଣ୍ଡାସ୍ଥିତ ବାସଭବନରେ ତାଙ୍କ ପରଲୋକ ହୋଇଛି । ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାରେ ଅଞ୍ଚଳରେ ଗଭୀର ଶୋକପ୍ରକାଶ ପାଇଛି । ସେ ପୂର୍ବରୁ ବରଗଡ଼ ପୌର ପରିଷଦର କାଉନସିଲର, କଠଉମାଲ ପଞ୍ଚାୟତର ସରପଞ୍ଚ ଥିଲେ । ଏହା ସହିତ କମ୍ୟୁନିଷ୍ଟ ନେତା ସ୍ୱର୍ଗତ ଲେଙ୍ଗୁ ମିଶ୍ରଙ୍କ ଜଣେ ସହଯୋଗୀ ଥିଲେ ।

କୋଚିଂ ସେଣ୍ଟରର ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ ହେବ

# ୩୦ରୁ ୩ ଅନୁଷ୍ଠାନକୁ ଅଗ୍ନିଶମ ବିଭାଗର ନୋଟିସ୍

**ସମ୍ବଲପୁର,୨୭।୫ (ବ୍ୟୁରୋ)**

ଗୁଜରାଟ ସୁରଟରେ ଏକ କୋଚିଂ ସେଣ୍ଟରରେ ନିଆଁ ଲାଗି ୨୦ ଜଣ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଏହି ଘଟଣା ପରେ ଦେଶ ଓ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନ ପ୍ରତି ସରକାରୀ ଓ ପ୍ରଶାସନିକ ସ୍ତରରେ ଦୃଷ୍ଟି ପଡିଛି। ଏଭଳି ଘଟଣାର ଯେଭଳି ପୁନରାବୃତ୍ତି ନ ଘଟେ ସେଥିପ୍ରତି ଏବେ ସମସ୍ତଙ୍କ ନଜର ରହିଛି। ଏହିକ୍ରମରେ ଦେଖିଲେ ସମ୍ବଲପୁର ସହରରେ ଅନେକ ସ୍କୁଲ, କଲେଜ ସହିତ କୋଚିଂ ସେଣ୍ଟର ରହିଛି। ହେଲେ ଏଗୁଡିକ ମଧ୍ୟରୁ ଅଧିକାଂଶ ଅନୁଷ୍ଠାନ ସରକାରୀ ନିୟମ ପାଳନ କରୁ ନ ଥିବା ଅଭିଯୋଗ ହେଉଛି । ଅଧିକାଂଶ ଭଡା ଘର ଓ ନିଜ ବାସଗୃହରେ ବିଭିନ୍ନ ନାମଦେଇ କୋଚିଂ ସେଣ୍ଟର, ହଷ୍ଟେଲ ଓ ଚ୍ୟାମ୍ବରମାନ ଚଳାଉଛନ୍ତି। ଛାତ୍ରୀଛାତ୍ରଙ୍କଠାରୁ ମୋଟା ଅଙ୍କର ଟଙ୍କା ନେଉଥିବା ବେଳେ ସେମାନଙ୍କ ସୁରକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି। ନିୟମ ଅନୁସାରେ କୌଣସି ଜନଗହଳି ବସ୍ତି କିମ୍ବା ପଡାରେ ବ୍ୟବସାୟିକ ଭିତ୍ତିକ ଅନୁଷ୍ଠାନ କଲେ ଅଗ୍ନିଶମ ବିଭାଗ ପକ୍ଷରୁ ସାର୍ଟିଫିକେଟ ନେବା ନିହାତି ଆବଶ୍ୟକ ରହିଛି । ହେଲେ ସମ୍ବଲପୁରରେ ଥିବା ଶିକ୍ଷାନୁଷ୍ଠାନଗୁଡିକର ଚାରି ପାଖରେ ଜନବସତି ରହିଛି। ଚଉଡା ରାସ୍ତା ନାହିଁ। ଘରଦ୍ୱାର ରହିଛି । ଫଳରେ କୌଣସି ଅଘଟଣ ଘଟିଲେ ଅଗ୍ନିଶମ ବିଭାଗର ଗାଡି ଯାଇ ପାରିବ ନାହିଁ। ଏପରିକି ନିଆଁକୁ ଆୟତ୍ତ କରିବାରେ ସ୍ଥାନୀୟ ଲୋକ ମଧ୍ୟ ସହଯୋଗ କରି ପାରିବେ ନାହିଁ । ଅନ୍ୟପଟେ ଘର ଗୁଡିକ ମଧ୍ୟ ବାସଗୃହ ଢାଞ୍ଚାରେ ତିଆରି ହୋଇଛି। ତେଣୁ ନିଆଁ ଲାଗିଲେ ଅଧିକ କ୍ଷତି ହେବା ଆଶଙ୍କା ରହୁଛି । ଅନେକ କୋଚିଂ ସେଣ୍ଟର, ଚ୍ୟାମ୍ବର, ହଷ୍ଟେଲ ଭଳି ଅନୁଷ୍ଠାନ ଅଗ୍ନିଶମ ବିଭାଗ ପକ୍ଷରୁ ଏନଓସି ନେଇ ନ ଥିବା ଜଣା ପଡିଛି। ଏଣୁ ପ୍ରଶାସନ ଓ ଅଗ୍ନିଶମ ବିଭାଗ ପକ୍ଷରୁ ବେଆଇନ ଭାବେ ଚାଲିଥିବା ଏହି ସବୁ ହଷ୍ଟେଲ ଓ ଚ୍ୟାମ୍ବର ଉପରେ ଚଡାଉ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ। ନ ହେଲେ ସୁରଟ ଭଳି ଅଘଟଣ ଘଟିପାରେ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

ସମ୍ବଲପୁର ସହରରେ ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟ (ଜିଏମୟୁ), ମହିଳା କଲେଜ ଓ ବଡ ବଡ ନାମୀ ଘରୋଇ କଲେଜ ଓ କୋଚିଂ ସେଣ୍ଟରଗୁଡିକ ରହିଛି । ଏହି ଶିକ୍ଷାନୁଷ୍ଠାନ ଗୁଡିକରେ ପାଠ ପଢ଼ିବା ପାଇଁ ଜିଲା ଓ ଜିଲା ବାହାରୁ ଛାତ୍ରୀଛାତ୍ର ଆସୁଛନ୍ତି। କଲେଜରେ ପଢିବା ସହ କୋଚିଂ ସେଣ୍ଟରରେ ନାମ ଲେଖାଇଥାନ୍ତି । ଏହାର ସୁଯୋଗ ନେଇ ଚ୍ୟାମ୍ବର କରିଥିବା ମାଲିକମାନେ ଅଧିକ ଫି ନିଅନ୍ତି। ହେଲେ ଆବଶ୍ୟକ ସୁବିଧା ଦେଇ ନ ଥାନ୍ତି ।

ସେହିଭଳି ଝିଅମାନଙ୍କ ପାଇଁ ହଷ୍ଟେଲ ଓ ଚ୍ୟାମ୍ବରରେ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା କରାଯାଉ ନାହିଁ । ସିକ୍ୟୁରିଟି ଗାର୍ଡ, ମହିଳା ୱାର୍ଡେନ୍ ନିୟୋଜିତ କରାଯାଇ ନାହିଁ । ଘର ମାଲିକ ନିଜେ ୱାର୍ଡେନ ଭାବେ କାମଚଳା ଦାୟିତ୍ୱ ତୁଲାଉଛନ୍ତି । ଏହି ଚ୍ୟାମ୍ବରଗୁଡିକରେ ବିଜୁଳି, ପାଣିର ସମସ୍ୟା ରହୁଛି । ଏପରିକି ଭଡା ଆଶାରେ ଗୋଟିଏ କୋଠରିରେ ଅଧିକ ସଂଖ୍ୟାରେ ଛାତ୍ରୀଛାତ୍ରଙ୍କୁ ରଖାଯାଉଛି। ଗୋଟିଏ ବେଡ୍‌ରେ ୨ଜଣ ରହୁଛନ୍ତି। ପଢ଼ିବା ପାଇଁ ଟେବୁଲ ଚେୟାର ଯୋଗାଇ ଦିଆ ଯାଉନି। ଫଳରେ ପିଲାଙ୍କ ପାଠ ପଢ଼ାରେ ବାଧା ସୃଷ୍ଟି ହୋଇଥାଏ। ତେବେ ଏ ସମ୍ପର୍କରେ ଅଗ୍ନିଶମ ବିଭାଗ ଅଧିକାରୀ ଜିତେନ୍ଦ୍ର କୁମାର ଦାସ କହିଛନ୍ତି ଯେ, ଅଗ୍ନିଶମ ବିଭାଗ ପକ୍ଷରୁ ପ୍ରାୟ ୩୦ଟି କୋଚିଂ ସେଣ୍ଟରର ତାଲିକା କରାଯାଇଛି । ୩ ଜଣଙ୍କୁ ନୋଟିସ ମଧ୍ୟ କରାଯାଇଛି । ସମସ୍ତଙ୍କୁ ନୋଟିସ୍ ଜାରି କରାଯିବ । କୋଚିଂ ସେଣ୍ଟରଗୁଡିକୁ ଯାଇ ଯାଞ୍ଚ କରାଯିବ । ସେହିପରି ହଷ୍ଟେଲ ଓ ବେଆଇନ ଭାବେ ଚାଲୁଥିବା ଚ୍ୟାମ୍ବରଗୁଡିକରେ ମଧ୍ୟ ଅଗ୍ନିଶମ ବିଭାଗ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଉପରେ ଯାଞ୍ଚ କରିବ। ଏହାର ବ୍ୟତିକ୍ରମ ଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

### ଚୋରି ଅଭିଯୋଗରେ ୫ ଗିରଫ

**ସୋହେଲା,୨୭।୫ (ଡି.ଏନ.ଏ)**

ବରଗଡ ଜିଲା ସୋହେଲା ପୋଲିସ ବିଦ୍ୟୁତ ତାର ଓ ମୋଟର ଷ୍ଟାର୍ଟର ଚୋରି କରିବା ଅଭିଯୋଗରେ ୫ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଝାରମୁଣ୍ଡା ଗ୍ରାମର ବିଶିକେଶନ ବିଶ୍ୱାଳ(୨୯), ଟିକେଶ୍ୱର ନାଗ(୪୬), ନେପାଳ କାଲସା(୪୯), ବିଜେପୁର ଥାନା ଜାମପାଲି ଗ୍ରାମର ଭକଲୋ ଗୁରୁ(୨୨) ଏବଂ କାଲସାଡେରା ଗ୍ରାମର ଗଦନ କାଲସାକଚ । ଏ ନେଇ ସୋହେଲା ଥାନାରେ ଏକ ମାମଲା (ନଂ.୮୨/୧୯) ରୁଜୁ ହୋଇଛି । ଚୋରି ସାମଗ୍ରୀକୁ ପୋଲିସ ଜବତ କରିଛି । ସୂଚନା ଅନୁସାରେ, ଛୁରିଆପାଲି ପଞ୍ଚାୟତ ଅନ୍ତର୍ଗତ ଝାରମୁଣ୍ଡା ଗ୍ରାମର ଚାଷୀ ଅର୍ଜୁନ ଭୋଇଙ୍କ କ୍ଷେତରେ ଗଭୀର ନଳକୂପକୁ ଯାଇଥିବା ୫ଶହ ମିଟର ବିଦ୍ୟୁତ ତାର ଓ ମୋଟର ଷ୍ଟାର୍ଟର ଗତ ୧୪ ତାରିଖ ରାତିରେ ଚୋରି ହୋଇଥିଲା। ଅର୍ଜୁନ ଗ୍ରାମର ୩ଜଣ ଏଥିରେ ସମ୍ପୃକ୍ତ ଥିବା ସନ୍ଦେହ କରିଥିଲେ ଏବଂ ଗ୍ରାମରେ ଏକ ସଭା ଡାକିଥିଲେ । ସଭାରେ ଅଭିଯୁକ୍ତମାନେ ନିଜର ଦୋଷ ସ୍ୱୀକାର କରି ୮ହଜାର ଟଙ୍କା ଦେବାକୁ ଚୁକ୍ତି କରିଥିଲେ । କିନ୍ତୁ ଟଙ୍କା ନ ଦେବାରୁ ଅର୍ଜୁନ ଥାନାରେ ଲିଖିତ ଅଭିଯୋଗ କରିଥିଲେ ।

# କେସାପାଲି-ଭାଲିଆକଟା ରାସ୍ତା କାମରେ ଅନିୟମିତତା

**ସମ୍ବଲପୁର,୨୭।୫ (ବ୍ୟୁରୋ)**

ଗ୍ରାମାଞ୍ଚଳରେ ଗମନାଗମନ ସୁବିଧା ପାଇଁ ସରକାର ରାସ୍ତା ନିର୍ମାଣକୁ ଅଧିକ ଗୁରୁତ୍ୱ ଦେଉଛନ୍ତି । ରାଜକୋଷରୁ ଟଙ୍କା ଦେଉଛନ୍ତି । ହେଲେ ଯେଉଁ ବିଭାଗ ମାଧ୍ୟମରେ କାମ ହେଉଛି ସେହି ବିଭାଗର ଅଧିକାରୀ ହିଁ ଠିକାଦାର ଓ ଠିକା ସଂସ୍ଥାକୁ ଦୁର୍ନୀତି କରିବାକୁ ପ୍ରୋତ୍ସାହନ ଦେଉଥିବା ଅନେକ ସ୍ଥାନରେ ଅଭିଯୋଗ ହେଉଛି। କଂକ୍ରିଟ ରାସ୍ତା ଫାଟିବା ଓ ପିଚୁ ଉଠିଯିବା ଭଳି ଅନେକ ଘଟଣା ସାମ୍ନାକୁ ଆସିଛି । ଯୁଯୁମୁରା ବ୍ଲକ କେସାପାଲି-ଭାଲିଆକଟା (ଭାୟା ବଡମାଲ) ଗ୍ରାମ ରାସ୍ତା ନିର୍ମାଣ କାମରେ ବ୍ୟାପକ ଅନିୟମିତତା ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବ୍ୟୟ ଅଟକଳ ଅନୁସାରେ ରାସ୍ତାରେ ଗେଟି ବା ମେଟାଲ ମିଶ୍ରଣ କରାଯାଉ ନାହିଁ । ଅଧିକ ପରିମାଣର ଡଷ୍ଟ ମିଶାଇ ରାସ୍ତାରେ ବିଛାଯାଉଛି । ରାସ୍ତାରେ ଆବଶ୍ୟକ ପାଣି ଦିଆଯାଉ ନାହିଁ । ରାସ୍ତା ଉପରେ ରୋଲିଂ କରାଯାଉ ନାହିଁ। ସୂଚନା ଫଳକ ନିର୍ମାଣ କରାଯାଇ ନାହିଁ। ତେଣୁ ଲୋକମାନେ ରାସ୍ତା ନିର୍ମାଣ ସମ୍ପର୍କରେ ଜାଣି ପାରୁନାହାନ୍ତି। ସ୍ଥାନୀୟ ଠିକା ସଂସ୍ଥା ଓ କର୍ମଚାରୀଙ୍କୁ ପଚାରିଲେ ସେମାନେ କିଛି କହୁନାହାନ୍ତି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନାହାନ୍ତି । ଠିକା କାମ ଜଣେ ରାଜନେତାଙ୍କ ସମ୍ପର୍କୀୟ ନେଇଥିବାରୁ କେହି କିଛି କହିବାକୁ ଭୟ କରୁଛନ୍ତି । ବିଭାଗର ଏଭଳି ଠିକାଦାର ପୋଷା ନୀତି ଯୋଗୁ ରାସ୍ତାର ସ୍ଥାୟିତ୍ୱ ରହିବ ନାହିଁ । ତେଣୁ ନିର୍ମାଣ କାମକୁ ଯାଞ୍ଚ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଲୋକେ ଦାବି କରିଛନ୍ତି । ଏ ସମ୍ପର୍କରେ ପୂର୍ତ୍ତ ବିଭାଗର ଜେଇ ସତ୍ୟଜିତ ସାମଲଙ୍କୁ ପଚାରିବାରୁ ରାସ୍ତାରେ ଆବଶ୍ୟକ ପାଣି ଦିଆଯାଉ ନ ଥିବା ଅଭିଯୋଗକୁ ସ୍ୱୀକାର କରିଛନ୍ତି। ନିମ୍ନମାନର କାମ ଉପରେ ହୋଇଥିବା ଅଭିଯୋଗ ଉପରେ ଗୁରୁତ୍ୱ ଦିଆଯିବ ବୋଲି କହିଛନ୍ତି। ସୂଚନାଯୋଗ୍ୟ ଯେ, କେସାପାଲି ଗ୍ରାମଠାରୁ ଭାୟା ବଡମାଲ ଗ୍ରାମ ଦେଇ ଭାଲିଆକଟା ଗ୍ରାମକୁ ସଂଯୋଗ କରିବ। ଏହା ଯୁଯୁମୁରା ଓ ରେଢାଖୋଲ ବ୍ଲକକୁ ସଂଯୋଗ କରିବ ଏହି ଅଞ୍ଚଳବାସୀଙ୍କ ବାରମ୍ବାର ଦାବି ପରେ ରାସ୍ତା ନିର୍ମାଣ ପାଇଁ ସରକାର ଅନୁଦାନ ଦେଇଛନ୍ତି । ୧୩ କି.ମି. ରାସ୍ତା ପାଇଁ ପ୍ରାୟ ୧୬ କୋଟି ଟଙ୍କା ଟେଣ୍ଡର କରାଯାଇଥିଲା । ୨୦୧୮ ମାର୍ଚ୍ଚ ୨୮ରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ରେଢାଖୋଲ ବିଧାୟକ ରୋହିତ ପୂଜାରୀ ରାସ୍ତା କାମ ଲାଗି ଶିଳାନ୍ୟାସ କରିଥିଲେ । ଏହି ରାସ୍ତା ଉପରେ ଅଞ୍ଚଳର ୧୭ରୁ ଅଧିକ ଗ୍ରାମ ଓ ପଡା ନିର୍ଭର କରେ। ରାସ୍ତା ନିର୍ମାଣ ଆରମ୍ଭ ହେବା ପରେ ଅଞ୍ଚଳରେ ଖୁସିର ଲହରି ଖେଳି ଯାଇଥିଲା । ହେଲେ ଏବେ ନିମ୍ନମାନର କାମକୁ ନେଇ ଅସନ୍ତୋଷ ପ୍ରକାଶ ପାଉଛି ।

ଚିପିଲିମା ଘଣ୍ଟେଶ୍ୱରୀ ସ୍ୱାଗତ ଫାଟକ

## ପଥର ପ୍ଲେଟ୍ ଖସୁଛି, ଲୋକଙ୍କ ମୁଣ୍ଡ ଉପରେ ବିପଦ



ଚିପିଲିମା ଘଣ୍ଟେଶ୍ୱରୀ ପୀଠର ସ୍ୱାଗତ ତୋରଣ।

**ଚିପିଲିମା, ୨୫।୫ (ଡି.ଏନ.ଏ)**

ସମ୍ବଲପୁର ଜିଲା ଚିପିଲିମାସ୍ଥିତ ମୁଖ୍ୟ ଛକରେ ଥିବା ଘଣ୍ଟେଶ୍ୱରୀଙ୍କ ପୀଠର ସ୍ୱାଗତ ଫାଟକ ଅସୁରକ୍ଷିତ। ହେଲେ ଏହି ଫାଟକରୁ କିଛି ଦିନ ହେଲା ନିୟମିତ ପ୍ଲେଟ ଖସୁଛି। ଏଣୁ ଏହି ରାସ୍ତାରେ ଯାଉଥିବା ପର୍ଯ୍ୟଟକ ତଥା ଜନସାଧାରଣ ଭୟଭୀତ ହୋଇ ପଡୁଛନ୍ତି। ଲୋକଙ୍କ ମୁଣ୍ଡ ଉପରେ ବିପଦ ଝୁଲି ରହିଛି। ଏଣୁ କୌଣସି ଅଘଟଣ ଘଟିବା ପୂର୍ବରୁ ଏହି ରାସ୍ତାକୁ ବିପଦସଙ୍କୁଳ ଘୋଷଣା କରାଯିବା ଆବଶ୍ୟକ। ଏହି ରାସ୍ତାକୁ ବନ୍ଦ କରି ବାଇପାସ ରାସ୍ତାରେ ଲୋକେ ଯିବା ଆସିବା ପାଇଁ ସୂଚନା ଫଳକ ଦେବା ଉଚିତ୍। ଏଥିସହ ଏହି ତୋରଣର ମରାମତି କାର୍ଯ୍ୟ କରିବା ଆବଶ୍ୟକ। ସୂଚନାଯୋଗ୍ୟ ଯେ, ୨୦୦୮-୦୯ ଆର୍ଥିକ ବର୍ଷରେ ଏମ୍‌ସିଏଲ୍ ପେରିଫେରି ପାଣ୍ଠି ଓ ତତ୍କାଳୀନ ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟଙ୍କ ଅନୁଦାନରେ ଏହି ଫାଟକଟି ନିର୍ମାଣ ହୋଇଥିଲା । ହେଲେ ନିମ୍ନମାନର କାମ ଯୋଗୁ ପଥର ଖସୁଥିବା ଅଭିଯୋଗ ହେଉଛି । ଏହି ଫାଟକର ଗୋଟିଏ ପାର୍ଶ୍ୱରୁ ବର୍ତ୍ତମାନ ସୁଦ୍ଧା ୧୧ଖଣ୍ଡ ପଥର ପ୍ଲେଟ ଖସିଥିବାବେଳେ ଅପର ପାର୍ଶ୍ୱରୁ ୭ଖଣ୍ଡ ପଥର ପ୍ଲେଟ ଖସିଲାଣି ।

## ପନିପରିବା ଚାଷ ସମ୍ବନ୍ଧୀୟ ତାଲିମ ଶିବିର

**ବାମରା, ୨୭।୫ (ସ୍ୱ.ପ୍ର.)**

ରାଜ୍ୟ ସରକାରଙ୍କ ଦ୍ୱାରା କ୍ଷୁଦ୍ର ଓ ମଧ୍ୟମ ଚାଷୀଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟରେ ପନିପରିବା ଚାଷ ଉପରେ ବିଶେଷ ଧ୍ୟାନ ଦେଇ ତାଲିମ ଶିବିରର ଆୟୋଜନ କରାଯାଉଛି । ଏହି ପରିପ୍ରେକ୍ଷୀରେ ବାମରା ବ୍ଲକ କୁଟାରୀମାଲ ପଞ୍ଚାୟତ ବୃଦ୍ଧୁଡା କିସାନପଡାରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ବେସରକାରୀ ସଂସ୍ଥା ଏୱାର୍ଡ ତତ୍ତ୍ୱାବଧାନରେ ଏବଂ ନାବାର୍ଡ ସହଯୋଗରେ ଆୟୋଜିତ ଉକ୍ତ ଶିବିରରେ ମୋଟ ୭୦ ଜଣ ମହିଳା ଓ ପୁରୁଷ ଚାଷୀ ଅଂଶଗ୍ରହଣ କରିଥିଲେ। ରବି ନାରାୟଣ ଦାସ ଓ ଝସକେତନ ସେଠ ଯୋଗଦେଇ ବିଭିନ୍ନ କିସମ ଓ ଜାତିର ପନିପରିବା ବିଷୟରେ ତାଲିମ ଦେଇଥିଲେ । ଡ. କେ ମିଳନ ପାତ୍ର, ଏୱାର୍ଡ ସମ୍ପାଦକ ପ୍ରହଲ୍ଲାଦ ଚନ୍ଦ୍ର ମଲ୍ଲିକ, କରୁଣାକର କିସାନ, ସୁନ୍ଦରମଣୀ ଲୁହା, ତାଲିମଦାତା ବିଜୟ କୁମାର ସାହୁ ଉପସ୍ଥିତ ଥିଲେ । ପ୍ରଶାନ୍ତ କୁମାର ଲୁହା, ଫକୀର ମୋହନ ବରୁଆ, ବୈକୁଣ୍ଠ କିସାନ, ରବିନାରାୟଣ ମାଝୀ, ଅର୍ଜୁନ କିସାନ, ହରିହର କିସାନ, ପବିତ୍ର ମାଝୀ, କେଦାର କେଛୁ ଓ କିଶୋର ମାଝୀ ସହଯୋଗ କରିଥିଲେ। ଶେଷରେ ବିଜୟ କୁମାର ସାହୁ ଧନ୍ୟବାଦ ଦେଇଥିଲେ ।


ତାଲିମ ଶିବିରରେ ଯୋଗ ଦେଇଥିବା ଚାଷୀ।

## ନୂତନ କୋଠାଘରକୁ ଇଭିଏମ ସ୍ଥାନାନ୍ତର

**ବରଗଡ଼ ଅଫିସ୍,୨୭।୫**

ସାଧାରଣ ନିର୍ବାଚନରେ ବ୍ୟବହୃତ ଇଭିଏମ ଓ ଭିଭିପିଏଟି ସୋମବାର ବରଗଡ଼ ପଞ୍ଚାୟତ କଲେଜରୁ ସ୍ଥାନୀୟ ଜିଲାପାଳ ଅଫିସ ସମ୍ମୁଖ ନୂତନ କୋଠାଘରକୁ ସ୍ଥାନାନ୍ତର କରାଯାଇଛି। ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ଜିଲାପାଳ ତପିରାମ ମାଝି ଏବଂ ଅନ୍ୟ ପଦାଧିକାରୀଙ୍କ ଉପସ୍ଥିତିରେ କଡ଼ା ସୁରକ୍ଷା ବଳୟରେ ତାହା ସ୍ଥାନାନ୍ତର ହୋଇଥିଲା । ସ୍ଥାନାନ୍ତର ହେବା ପରେ ନୂତନ କୋଠରୀକୁ ସିଲ୍ କରି ରଖାଯାଇଛି ।



ବଡ଼ବଜାର ଶୀତଳଷଷ୍ଠୀ ଯାତ୍ରା

# ଭାରତମାତା ସିଂହାସନରେ ବିରାଜିବେ ଶୀତଳେଶ୍ୱର ବାବା, ପାର୍ବତୀ

**ସମ୍ବଲପୁର, ୨୭।୫ (ବ୍ୟୁରୋ)**

ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ଏକ ନିଆରା ପରମ୍ପରା। ଶିବ ପାର୍ବତୀଙ୍କ ବିବାହ ଲୋକାଚାରରେ ହୋଇଥାଏ । ଯାତ୍ରାକୁ ଆକର୍ଷଣୀୟ କରିବା ଲାଗି ବିଭିନ୍ନ ଯାତ୍ରା କମିଟି କର୍ମକର୍ତ୍ତା ଓ ସଭ୍ୟମାନେ ଆପ୍ରାଣ ଉଦ୍ୟମ କରିଥାନ୍ତି । ଚଳିତ ବର୍ଷ ନନ୍ଦପଡା, ଝାଡୁଆପଡା, ମୁଦିପଡା, ବଡବଜାର, ଠାକୁରପଡା ଯାତ୍ରା କମିଟି ବିଭିନ୍ନ ଢଙ୍ଗରେ ପ୍ରସ୍ତୁତି ଜାରି ରଖିଛନ୍ତି । ଏହି କ୍ରମରେ ବଡବଜାର ଶୀତଳେଶ୍ୱର ବାବା ଯାତ୍ରା କମିଟି ଚଳିତ ବର୍ଷ ୨୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ ସ୍ଥିର କରିଛି । ଭାରତମାତା ସିଂହାସନରେ ଶୀତଳେଶ୍ୱର ବାବା ଓ ମାତା ପାର୍ବତୀ ଗଣ୍ଡୁଆଳ ହୋଇ ନଗର ପରିକ୍ରମା କରିବେ । ସିଂହାସନକୁ ଆକର୍ଷଣୀୟ କରିବା ଲାଗି ଗତ ୨୦ ଦିନ ହେବ ଶିଳ୍ପୀମାନେ ଲାଗିପଡିଛନ୍ତି ।

### କର୍ମକର୍ତ୍ତା:

ଯାତ୍ରା କମିଟିରେ ଶହେ ସଭ୍ୟ ରହିଛନ୍ତି । ସଭାପତି ସୁରେନ୍ଦ୍ର ମହାନ୍ତି, ଉପସଭାପତି ରାଜେଶ କୁମାର କାଲାନୋରିଆ, ଶୁରୁବାବୁ ମେହେର, ଶ୍ରୀରାମ ସିଂ ଓ ଅମୂଲ୍ୟ ପଟ୍ଟନାୟକ ରହିଛନ୍ତି । ସେହିପରି ସାଧାରଣ ସମ୍ପାଦକ ସରୋଜ କୁମାର ସାହୁ, ସହ ସମ୍ପାଦକ ଜୟନ୍ତ ମେହେର, ଅରୁଣ ଅଜାଡିୱାଲ, ଶଙ୍କର ପ୍ରସାଦ ମହାକୁଡ ଓ ଶେଷଦେବ ବଡମାଲି, କୋଷା ଧକ୍ଷ ପଞ୍ଚାନନ ତ୍ରିପାଠୀ, ସହକୋଷାଧକ୍ଷ ନୀଳାମ୍ବର ପଣ୍ଡା, ସାଂସ୍କୃତିକ ସମ୍ପାଦକ ଦିଲୀପ ସାହୁ, ସଞ୍ଜୀବ ମେହେର, ନବୀନ ବାଗ, ରିଙ୍କୁ ପ୍ରଧାନ ଓ ଡମ୍ବରୁ ମେହେର, ସାଜସଜ୍ଜା ସମ୍ପାଦକ ଶ୍ୟାମଲାଲ ଡନସନା, ରଞ୍ଜିତ ଦେବ, ଶଙ୍କର ଶର୍ମା, ମଣ୍ଟୁ ସାହୁ ଓ ବୁଦ୍ଧଦେବ ପ୍ରଧାନ, ରହଣୀ ସମ୍ପାଦକ ଭବେଶ ଚାନ୍ଦ, ରାମଦାସ ପଣ୍ଡା, କୁନ୍ଦନ ପ୍ରଧାନ, ଅଶୋକ ପଟେଲ, ସୁବ୍ରତ ପଣ୍ଡା ଓ ଗୋବିନ୍ଦ ବିଶି, ଉପଦେଷ୍ଟା ସଞ୍ଜୀବ ନନ୍ଦ, ଦିବାକର ପଟ୍ଟନାୟକ, ସୁରେନ୍ଦ୍ର ନାଏକ ଓ ଲକ୍ଷ୍ମୀନାରାୟଣ ପଟେଲଙ୍କ ତତ୍ତ୍ୱାବଧାନରେ ଯାତ୍ରା ପ୍ରସ୍ତୁତି ଚାଲିଛି ।

### ୨୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ

ଚଳିତ ବର୍ଷ ଯାତ୍ରାରେ ୨୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି । କମିଟିର ଶହେ ସଭ୍ୟଙ୍କ ସମେତ ବଡବଜାର, ସୁନାରିପଡା, କ୍ଷେତରାଜପୁର, ଚେରୁଆପଡା, ରେମେଡ, ଦୁର୍ଗାପାଲି ଅଞ୍ଚଳର ଭକ୍ତମାନେ ଆର୍ଥିକ ସହାୟତା କରିଥାନ୍ତି । ସେହିପରି ରାଜ୍ୟ ସରକାର ଓ ମହାନଗର ନିଗମ ପକ୍ଷରୁ ମଧ୍ୟ ଆର୍ଥିକ ସହାୟତା ଦିଆଯାଏ। ଏହି ଅର୍ଥରେ ଯାତ୍ରା ହୋଇଥାଏ । ଚଳିତ ବର୍ଷ ୧୦କେଜି ରୁପା ସାମଗ୍ରୀ ତିଆରି କରାଯାଇଛି । ଏହା ଶୀତଳେଶ୍ୱର ବାବାଙ୍କ ବରାତି ପରଭାରେ ସଜ୍ଜିତ ହେବ । ଏଥିସହ ଶିବପାର୍ବତୀଙ୍କ ପାଲିଙ୍କି ଷ୍ଟିଲରେ ନିର୍ମାଣ ହୋଇଛି। ସେହିପରି ପ୍ରଥମ ଥର ପାଇଁ ବୃଷଭ, ସିଂହ, ହନୁମାନଙ୍କ ମୂର୍ତ୍ତି କାଠରେ ନିର୍ମାଣ ଚାଲିଛି। ଏହା ଭକ୍ତମାନଙ୍କୁ ଆକୃଷ୍ଟ କରିବ ବୋଲି କହନ୍ତି ସାଧାରଣ ସମ୍ପାଦକ ସରୋଜ କୁମାର ସାହୁ ।


ଶନିବାର ସମ୍ବଲପୁର ବଡବଜାର ଯାତ୍ରା କମିଟିର ପରଭା ଶିଳ୍ପୀମାନେ ତିଆରି କରୁଛନ୍ତି ।


କୋଷାଧକ୍ଷ ପଞ୍ଚାନନ ତ୍ରିପାଠୀ


ମୁଖ୍ୟଶିଳ୍ପୀ ପଙ୍କଜ ଡନସନା


ସାଧାରଣ ସମ୍ପାଦକ ସରୋଜ ସାହୁ

### ଲୋକନୃତ୍ୟକୁ ପ୍ରାଧାନ୍ୟ ଦିଆଯିବ

ସମ୍ବଲପୁର ସହର ଲୋକନୃତ୍ୟ ଓ ଲୋକ ଗୀତକୁ ନେଇ ବିଶ୍ୱବିଦିତ। ଏହାକୁ ଦୃଷ୍ଟିରେ ରଖି ଯାତ୍ରା କମିଟି ଲୋକନୃତ୍ୟ, ଲୋକବାଦ୍ୟକୁ ପ୍ରାଧାନ୍ୟ ଦେଉଛି। ଏହି କ୍ରମରେ କଲିକତାର ଢାକି ବାଜା କଳାକାରମାନେ ପାରମ୍ପରିକ ବେଶଭୂଷାରେ ସଜ୍ଜିତ ହୋଇ ସାମିଲ ହେବେ । ସେହିପରି ଦୁଲଦୁଲି, ଘଣ୍ଟ, ସଂପ୍ରଦା, ବାଘ ଷଣ୍ଢ ନାଚ ଶୋଭାଯାତ୍ରାରେ ସାମିଲ ହେବ। ବମ୍ବେ, କଲିକତା ଓ ଓଡିଶାର କଳାକାରମାନେ ରଥ ଉପରେ ନୃତ୍ୟ ପରିବେଷଣ କରିବେ । ଶିବପାର୍ବତୀଙ୍କ ମୁଖ୍ୟ ଶୋଭାଯାତ୍ରାରେ ପାଞ୍ଚଟି ପ୍ରଜ୍ଞାପନ ମେଢ଼ ସାମିଲ ହେବ । ଏହା ଶିଳ୍ପୀ ମଣ୍ଟୁ ସାହୁ ଓ ମାଲୁ ତିଆରି କରୁଛନ୍ତି ବୋଲି କୋଷାଧକ୍ଷ ପଞ୍ଚାନନ ତ୍ରିପାଠୀ କହିଛନ୍ତି ।

### ସୌରମଣ୍ଡଳ ସିଂହାସନ

ବଡବଜାର ଯାତ୍ରା କମିଟିରେ ପୂର୍ବରୁ ୨ଟି ପରଭା ତିଆରି କରାଯାଇଥିଲା । କିନ୍ତୁ ଚଳିତ ବର୍ଷ ଏହା ତିନୋଟି ହେବ । ଏଥିପାଇଁ ୬୦ ହଜାର ଟଙ୍କା ବ୍ୟୟ ଅଟକଳ ରହିଛି । ମୁଖ୍ୟ ପରଭା ଭାରତମାତା ସିଂହାସନ କରାଯାଉଛି । ଏଥିରେ ଅଶୋକ ସ୍ତମ୍ଭ, ତୋପ ଓ ଭାରତମାତାଙ୍କ ପ୍ରତିଛବି ଖଞ୍ଜା ଯିବ । ହନୁମାନ ସିଂହାସନରେ ସୌରମଣ୍ଡଳ ଦୃଶ୍ୟରାଜି ହେବ । ସେହିପରି ମୟୂର ସିଂହାସନରେ ରାଧାକୃଷ୍ଣ ବିରାଜିବେ । ଏହି ୩ଟି ପରଭା ଥର୍ମକୁଲରେ ନିର୍ମାଣ କରାଯାଉଛି। ଶିଳ୍ପୀ ଚୈତନ୍ୟ ସା, ବିନୟ ମହାକୁଡ, ତପନ ଦେହୁରୀ ସହଯୋଗ କରୁଛନ୍ତି । ୧୬ ବର୍ଷରେ ଯାତ୍ରା ପଦାର୍ପଣ କରିଛି । କିନ୍ତୁ ବିଗତ ୧୫ ବର୍ଷ ହେବ ନିରବଚ୍ଛିନ୍ନ ଭାବେ ଶୀତଳେଶ୍ୱର ବାବାଙ୍କ ପରଭା ନିର୍ମାଣ କରି ଆସୁଛନ୍ତି ବୋଲି ମୁଖ୍ୟ ଶିଳ୍ପୀ ପଙ୍କଜ ଡନସନା କହିଛନ୍ତି ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ମଙ୍ଗଳବାର, ମେ ୨୮/୨୦୧୯ Sambalpur, Tuesday, May 28/ 2019

ଆଜି କ'ଣ କେଉଁଠି ସ୍ଥାନରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଟ୍ରାକ୍ଟର ଚାପାରେ ଯୁବକ ମୃତ

ପାଟଣାଗଡ, ୨୭।୫(ଡି.ଏନ.ଏ.)

ବଲାଙ୍ଗୀର ଜିଲା ପାଟଣାଗଡ ବଡପଡା ନିକଟରେ ଯାଇଥିବା ମାୟାବତୀ ନଦୀରେ ଏକ ବାଲି ବୋଝେଇ ଟ୍ରାକ୍ଟର ଓଲଟି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବଡପଡାର ଡିଙ୍ଗର କଠାର (୩୦)। ଡିଙ୍ଗର ନଦୀରୁ ପାଣି ନେଇ ଆସୁଥିବା ବେଳେ ବାଲିବୋଝେଇ ଟ୍ରାକ୍ଟର ଭାରସାମ୍ୟ ହରାଇ ତାଙ୍କ ଉପରେ ଓଲଟି ପଡିଥିଲା। ଟ୍ରାକ୍ଟର ଟ୍ରଲି ତଳେ ଚାପି ହୋଇ ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପାଟଣାଗଡ ଡାକ୍ତରଖାନାକୁ ଆଣିଥିଲେ। ହେଲେ ସେଠାରେ ଡିଙ୍ଗରଙ୍କ ମୃତ୍ୟୁ ହୋଇଯାଇଥିଲା। ଏ ନେଇ ପାଟଣାଗଡ ଥାନାରେ ଏକ ମାମଲା ରୁଜୁ ହୋଇଛି। ପାଟଣାଗଡ ପୋଲିସ ଟ୍ରାକ୍ଟରକୁ ଜବତ କରିଥିବା ବେଳେ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ଗାଡିଟି ସ୍ଥାନୀୟ ମେହେରପଡାର ଶ୍ୟାମ ମେହେରଙ୍କ ବୋଲି ଥାନା ଅଧିକାରୀ କେ. ପ୍ରିୟଙ୍କା ରାଉତରାୟ କହିଛନ୍ତି।

# ଅବକାର ଚଢ଼ାଉ, ହୋଟେଲ ମ୍ୟାନେଜର ଗିରଫ

ଡୁଙ୍ଗୁରିପାଲି, ୨୭।୫ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଛକ ରାମପୁର ରୋଡରେ ଥିବା ଏକ ହୋଟେଲ ଉପରେ ସୋମବାର ଅବକାରୀ ବିଭାଗ ଟିମ୍ ଚଢ଼ାଉ କରିଥିଲା। ଚଢାଉ ପରେ ୭ଲିଟର ବିଦେଶୀ ମଦ ହୋଟେଲରୁ ଜବତ କରିଛି। ହୋଟେଲ ମ୍ୟାନେଜର ମାଇକେଲ କେଦାଇ(୨୪)ଙ୍କୁ ଗିରଫ କରାଯାଇଛି। ଏ ନେଇ ଏକ ମାମଲା(ନଂ.୫୨/୧୯)ରୁଜୁ କରାଯାଇଛି। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି।












Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ଭୁଲ୍ କର ପଛେ ଚିନ୍ତା ନାହିଁ, କିନ୍ତୁ ପର ବୁଦ୍ଧିରେ ନ କରି ନିଜ ବୁଦ୍ଧିରେ କର।
- ଏଡ୍‌ୱର୍ଥ



## ସଂକ୍ଷେପରେ

### ଚୋରି ଅଭିଯୋଗରେ ୫ ଗିରଫ

ସୋହେଲା,୨୭।୫(ଡି.ଏନ.ଏ)
ବରଗଡ ଜିଲା ସୋହେଲା ପୋଲିସ ବିଦ୍ୟୁତ ତାର ଓ ମୋଟର ଷ୍ଟାର୍ଟର ଚୋରି କରିବା ଅଭିଯୋଗରେ ୫ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଝାରମୁଣ୍ଡା ଗ୍ରାମର ବିଶିକେଶନ ବିଶ୍ୱାଳ(୨୯), ଟିକେଶ୍ୱର ନାଗ(୪୬), ନେପାଳ କାଲସା(୪୯), ବିଜେପୁର ଥାନା ଜାମପାଲି ଗ୍ରାମର ଭକଲୋ ଗୁରୁ(୨୨) ଏବଂ କାଲସାଡେରା ଗ୍ରାମର ଗଦନ କାଲସାକଟ । ଏ ନେଇ ସୋହେଲା ଥାନାରେ ଏକ ମାମଲା (ନଂ.୮୨/୧୯) ରୁଜୁ ହୋଇଛି । ଚୋରି ସାମଗ୍ରୀକୁ ପୋଲିସ ଜବତ କରିଛି । ସୂଚନା ଅନୁସାରେ, ଛୁରିଆପାଲି ପଞ୍ଚାୟତ ଅନ୍ତର୍ଗତ ଝାରମୁଣ୍ଡା ଗ୍ରାମର ଚାଷୀ ଅର୍ଜୁନ ଭୋଇଙ୍କ କ୍ଷେତରେ ଗଭୀର ନଳକୂପକୁ ଯାଇଥିବା ୫ଶହ ମିଟର ବିଦ୍ୟୁତ ତାର ଓ ମୋଟର ଷ୍ଟାର୍ଟର ଗତ ୧୪ ତାରିଖ ରାତିରେ ଚୋରି ହୋଇଥିଲା। ଅର୍ଜୁନ ଗ୍ରାମର ୩ଜଣ ଏଥିରେ ସମ୍ପୃକ୍ତ ଥିବା ସନ୍ଦେହ କରିଥିଲେ ଏବଂ ଗ୍ରାମରେ ଏକ ସଭା ଡାକିଥିଲେ । ସଭାରେ ଅଭିଯୁକ୍ତମାନେ ନିଜର ଦୋଷ ସ୍ୱୀକାର କରି ୮ହଜାର ଟଙ୍କା ଦେବାକୁ ଚୁକ୍ତି କରିଥିଲେ । କିନ୍ତୁ ଟଙ୍କା ନ ଦେବାରୁ ଅର୍ଜୁନ ଥାନାରେ ଲିଖିତ ଅଭିଯୋଗ କରିଥିଲେ ।



### ଜିଲା କଂଗ୍ରେସ ସଭାପତିଙ୍କ ଇସ୍ତଫା

ବରଗଡ଼ ଅଫିସ୍/ପାଇକମାଲ,୨୭।୫
ବରଗଡ଼ ଜିଲା କଂଗ୍ରେସ ସଭାପତି ସତ୍ୟଭୂଷଣ ସାହୁ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଗତ ସାଧାରଣ ନିର୍ବାଚନରେ ଜିଲାରେ ଦଳର ଶୋଚନୀୟ ପରାଜୟ ପାଇଁ ସେ ନିଜକୁ ଦାୟୀ କରିଛନ୍ତି । ସେ ତାଙ୍କ ଇସ୍ତଫାପତ୍ର ପିସିସି ସଭାପତିଙ୍କ ପାଖକୁ ପଠାଇ ଦେଇଥିବା କହିଛନ୍ତି । ଉଲ୍ଲେଖନୀୟ, ବରଗଡ଼ ଜିଲାର ୫ ବିଧାନସଭା ଆସନରୁ କୌଣସିଥିରେ କଂଗ୍ରେସ ବିଜୟ କରିବା ତ ଦୂରର କଥା, ସନ୍ତୋଷଜନକ ଭୋଟ୍ ମଧ୍ୟ ପାଇ ପାରି ନ ଥିଲା । ଏପରିକି ନିଜେ ଜିଲା କଂଗ୍ରେସ ସଭାପତି ସାହୁ ପଦ୍ମପୁର ଆସନରୁ ହାରିବା ସହିତ ତୃତୀୟ ସ୍ଥାନରେ ରହିଥିଲେ ।

### ଅଂଶୁଘାତରେ ଶ୍ରମିକଙ୍କ ମୃତ୍ୟୁ ଅଭିଯୋଗ

ବରଗଡ଼ ଅଫିସ୍,୨୭।୫
ବରଗଡ଼ ବ୍ଲକ ବରାହଗୋଡ଼ା ପଞ୍ଚାୟତ ଅନ୍ତର୍ଗତ ଆମସଢ଼ା ଗ୍ରାମର ମହିଳା ଶ୍ରମିକ ତେଜ ଦେହେରୀ(୫୨)ଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନା ଶବ ସଂରକ୍ଷଣ ଗୃହରେ ଶବ ରଖାଯାଇଛି । ମଙ୍ଗଳବାର ବ୍ୟବଚ୍ଛେଦ ହେବ । ପ୍ରକାଶ ଯେ, ତେଜ ତାଙ୍କ ସ୍ୱାମୀ ଡମ୍ବରୁଙ୍କ ସହିତ ରବିବାର କାମ କରି ଘରକୁ ଫେରିବା ପରେ ଅସୁସ୍ଥ ଅନୁଭବ କରିଥିଲେ । ସୋମବାର ତାଙ୍କୁ ଚିକିତ୍ସା ପାଇଁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଥିଲା । ମୃତା ମହିଳାଙ୍କ ପରିବାରକୁ ଅଂଶୁଘାତଜନିତ ଅନୁକମ୍ପା ରାଶି ଯୋଗାଇ ଦେବାକୁ ଦାବି ହୋଇଛି ।



### ପୂର୍ବତନ ଜିଲା ପରିଷଦ ସଭ୍ୟଙ୍କ ପରଲୋକ

ଗାଇସିଲେଟ୍,୨୭।୫(ଡି.ଏନ.ଏ)
ବରଗଡ଼ ଜିଲା ଗାଇସିଲେଟ ବ୍ଲକର ପୂର୍ବତନ ଜିଲା ପରିଷଦ ସଭ୍ୟ ପ୍ରସନ୍ନ କୁମାର ସାହୁଙ୍କ ସୋମବାର ଅପରାହ୍ଣ ୨ଟାରେ ଭାଙ୍ଗମୁଣ୍ଡାସ୍ଥିତ ବାସଭବନରେ ତାଙ୍କ ପରଲୋକ ହୋଇଛି । ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାରେ ଅଞ୍ଚଳରେ ଗଭୀର ଶୋକପ୍ରକାଶ ପାଇଛି । ସେ ପୂର୍ବରୁ ବରଗଡ଼ ପୌର ପରିଷଦର କାଉନସିଲର, କଠଉମାଲ ପଞ୍ଚାୟତର ସରପଞ୍ଚ ଥିଲେ । ଏହା ସହିତ କମ୍ୟୁନିଷ୍ଟ ନେତା ସ୍ୱର୍ଗତ ଲେଙ୍ଗୁ ମିଶ୍ରଙ୍କ ଜଣେ ସହଯୋଗୀ ଥିଲେ ।

# ନାମଲେଖାକୁ ନେଇ ଦ୍ୱନ୍ଦ୍ୱରେ ଗ୍ରାମବାସୀ

ବରଗଡ଼ ଅଫିସ୍,୨୭।୫

ପାଠ ପଢ଼, ଦେଶ ଗଢ଼ । ସ୍କୁଲରେ ନାମ ଲେଖାଇ ପିଲାଙ୍କୁ ପାଠ ପଢ଼ାଇବାକୁ ଏହି ସ୍ଲୋଗାନ ଦିଆଯାଉଛି । ମାତ୍ର ପାଠ ପଢ଼ିବାର ଆଗ୍ରହ ଥିଲେ ସୁଦ୍ଧା ସ୍କୁଲ କର୍ତ୍ତୃପକ୍ଷଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ପିଲାମାନେ ଉଚ୍ଚଶିକ୍ଷା ପାଇବାରୁ ବଞ୍ଚିତ ହେଉଛନ୍ତି । ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଅନ୍ତର୍ଗତ ଫିଙ୍ଗିମାଲ ଗ୍ରାମରେ ଏଭଳି ପରିସ୍ଥିତି ଉପୁଜିଛି । ଗ୍ରାମରେ ପ୍ରାଥମିକ, ମଧ୍ୟ ଇଂରାଜୀଠାରୁ ଆରମ୍ଭ କରି ହାଇସ୍କୁଲ ପର୍ଯ୍ୟନ୍ତ ଥିଲେ ସୁଦ୍ଧା ସପ୍ତମ ଶ୍ରେଣୀ ପାସ୍ କରିଥିବା ଛାତ୍ରୀଛାତ୍ର ଅଷ୍ଟମ ଶ୍ରେଣୀରେ ନାମ ଲେଖାଇ ପାରୁ ନାହାନ୍ତି । ଉଭୟ ମଧ୍ୟ ଇଂରାଜୀ ଓ ହାଇସ୍କୁଲ କର୍ତ୍ତୃପକ୍ଷ ନାମ ଲେଖାଇବାକୁ ମନା କରି ଦେଉଥିବାରୁ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ସୋମବାର ଅଭିଭାବକମାନେ ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଫେରାଦ ହେବା ସହିତ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି ।

ପ୍ରକାଶ ଯେ, ଫିଙ୍ଗିମାଲ ହାଇସ୍କୁଲ ଉପରେ କଣ୍ଟାଝଡ଼ା, ଫିଙ୍ଗିମାଲ, ସଂକ୍ରିପାଣି, ନଟବରପୁର, ବାବେବାହାଲ, ମଧ୍ୟାହ୍ନମୁଣ୍ଡା, ଘଡ଼ଘଡ଼ିମାଲ, ସିନ୍ଧିରାପାଲି ଆଦି ଗ୍ରାମର ଛାତ୍ରୀଛାତ୍ର ନିର୍ଭର କରନ୍ତି। ଫିଙ୍ଗିମାଲ ମଧ୍ୟ ଇଂରାଜୀ ବିଦ୍ୟାଳୟରୁ ସପ୍ତମ ପାସ୍ କରିବା ପରେ ସେମାନେ ଏହି ହାଇସ୍କୁଲର ଅଷ୍ଟମ ଶ୍ରେଣୀରେ ନାମ ଲେଖାଇ ଆସୁଥିଲେ । ଅନୁରୂପ



ଜିଲାପାଳଙ୍କୁ ଫେରାଦ ହୋଇଥିବା ଅଭିଭାବକମାନେ ।

- ନାମଲେଖାରୁ ବଞ୍ଚିତ ସପ୍ତମ ପାସ୍ ଛାତ୍ରୀଛାତ୍ର
- ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧକାର
- ସ୍କୁଲ କର୍ତ୍ତୃପକ୍ଷ ନିରୁତ୍ତର
- ଜିଲାପାଳଙ୍କୁ ଫେରାଦ ହେଲେ ଅଭିଭାବକ

ଭାବେ ଚଳିତବର୍ଷ ୪୭ଜଣ ଛାତ୍ରୀଛାତ୍ର ସପ୍ତମ ପାସ୍ କରିଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ୨୦ଜଣ ଉକ୍ତ ହାଇସ୍କୁଲରେ ନାମ ମଧ୍ୟ ଲେଖାଇ ସାରିଥିଲେ । ମାତ୍ର ଉପରିସ୍ଥ ଅଧିକାରୀଙ୍କ ଆଦେଶ ମୁତାବକ ସେହି ହାଇସ୍କୁଲରେ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ପାଠପଢ଼ା ହୋଇପାରିବନାହିଁ କହି ସ୍କୁଲ କର୍ତ୍ତୃପକ୍ଷ ସେହି ଛାତ୍ରୀଛାତ୍ରଙ୍କୁ ଟ୍ରାନ୍ସଫର ସାର୍ଟିଫିକେଟ୍(ଟିସି) ପ୍ରଦାନ କରିଥିଲେ ଏବଂ ଗ୍ରାମର ମଧ୍ୟ ଇଂରାଜୀ ବିଦ୍ୟାଳୟରେ ନାମ ଲେଖାଇବାକୁ ପରାମର୍ଶ ଦେଇଥିଲେ ।

ଗ୍ରାମର ମଧ୍ୟ ଇଂରାଜୀ ବିଦ୍ୟାଳୟ କର୍ତ୍ତୃପକ୍ଷ ଶ୍ରେଣୀ କୋଠରୀ ଏବଂ ଶିକ୍ଷକ ଅଭାବ ଯୋଗୁ ସେଠାରେ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ନାମ ଲେଖାଇବାକୁ ମନା କରି ଦେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ସ୍ଥାନୀୟ ମଧ୍ୟ ଇଂରାଜୀ ସ୍କୁଲରେ ଷଷ୍ଠ, ସପ୍ତମ ଶ୍ରେଣୀରେ ମୋଟ୍ ୮୧ଜଣ ଛାତ୍ରୀଛାତ୍ର ଥିବାବେଳେ ଶିକ୍ଷାଦାନ ପାଇଁ ଜଣେ ମାତ୍ର ଶିକ୍ଷକ ଅଛନ୍ତି। ସେହିପରି ସେଠାରେ ରହିଥିବା ଏକମାତ୍ର ଶ୍ରେଣୀ କୋଠରୀରେ ଉଭୟ ଷଷ୍ଠ, ସପ୍ତମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଠପଢ଼ା ଚାଲିଛି । ଏହି ଦୃଷ୍ଟିରୁ ସ୍କୁଲ ଶିକ୍ଷକ ସେଠାରେ ନାମ ଲେଖାଇବାକୁ ମନା କରି ଦେଉଥିବା ଗ୍ରାମବାସୀ କହିଛନ୍ତି। ଉଭୟ ମଧ୍ୟ ଇଂରାଜୀ ଓ ହାଇସ୍କୁଲ କର୍ତ୍ତୃପକ୍ଷଙ୍କ ସେଭଳି ନିଷ୍ପତ୍ତି ଅଞ୍ଚଳର ଅଭିଭାବକଙ୍କୁ ଅଡୁଆରେ ପକାଇ ଥିବାବେଳେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧକାର ହୋଇ ପଡ଼ିଛି । ଏ ସମ୍ପର୍କରେ ଜାଣିବାକୁ ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀଙ୍କ ମୋବାଇଲ ଫୋନକୁ ଯୋଗାଯୋଗ କରାଯାଇଥିଲା । ମାତ୍ର ସେ ଫୋନ ନ ଉଠାଇବାରୁ ମତାମତ ମିଳିପାରି ନାହିଁ ।

# ବରପାଲିରେ ବଢୁଛି ପାନୀୟ ଜଳ ସମସ୍ୟା

ବରପାଲି, ୨୭।୫ (ଡି.ଏନ.ଏ)

ଗ୍ରୀଷ୍ମଋତୁରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଥିବା ବେଳେ ବରପାଲିରେ ପାଣି ପାଇଁ ଲୋକେ ଡହଳବିକଳ ହୋଇପଡୁଛନ୍ତି । ସକାଳ ହେଲେ ପାଣି ଚିନ୍ତା। ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ ତାହା ଲୋକମାନଙ୍କ କାମକୁ ଆସୁନି । ଏହାର ଉଦାହରଣ ସାଜିଛି ବରପାଲି-ବାରଙ୍ଗପାଲି ନିକଟ ରାଞ୍ଚ ନଦୀରୁ ବରପାଲି ସହରକୁ ପାଇପ ଯୋଗେ ପାଣି ଯୋଗାଇବା ଯୋଜନା। ଦୀର୍ଘ ଦିନରୁ ଏହି କାମ ହୋଇଥିଲେ ମଧ ଏବେ ତାହା ବନ୍ଦ ରହିଛି। ତେବେ ବିକାଶ ଓ ପ୍ରଗତି ପଥରେ ଆଗେଇବା ପୂର୍ବରୁ ଏଠାରେ ଝୁଣ୍ଟି ପଡିଛି। ସେହିପରି ବରପାଲି ସହରକୁ ପାନୀୟ ଜଳଯୋଗାଣ ପାଇଁ ଜନସ୍ୱାସ୍ଥ୍ୟ ଅଫିସ ଓ କର୍ମଚାରୀଙ୍କ ବାସଭବନ ପରିସରରେ ୨ଟି ଓଭରହେଡ ଟାଙ୍କି ରହିଛି। ଗୋଟିଏର ଜଳଧାରଣ କ୍ଷମତା ଅଢ଼େଇ ଲକ୍ଷ ଲିଟର ଓ ଅନ୍ୟଟିର ୧ଲକ୍ଷ ୨୫ ଲିଟର। ଏହି ଉଭୟ ଟାଙ୍କିରୁ ସକାଳ ୭ ଓ ଅପରାହ୍ନ ୪ଟା ସମୟରେ ସହରକୁ ୨ଥର ଜଳ ଯୋଗାଣ ହୋଇଥାଏ। ତଥାପି ଲୋକଙ୍କ ପାଣି ସମସ୍ୟା ସମାଧାନ ହେଉନି । ବରପାଲି ଏନଏସି ୧୧ଟି ୱାର୍ଡ ବିଶିଷ୍ଟ ସହର ହୋଇଥିବା ବେଳେ ଏଠାର ଲୋକସଂଖ୍ୟା ପ୍ରାୟ ୨୫ ହଜାର ଟପିଲାଣି । ସେହିପରି ଏଠାରେ ପାଣି ଗ୍ରାହକ ସଂଖ୍ୟା ୧୨୦୦ରୁ ଊର୍ଦ୍ଧ୍ୱ ଥିବା ବେଳେ ଚୋରା କନେକସନ୍ ସଂଖ୍ୟା ୨ଗୁଣରୁ ଅଧିକ ରହିଥିବା ଅଭିଯୋଗ ହୋଇଛି । ଜଳଯୋଗାଣ ପାଇଁ ବିଦ୍ୟୁତ ସମସ୍ୟା ମୁଖ୍ୟ କାରଣ ବୋଲି ବିଭାଗୀୟ ଯନ୍ତ୍ରୀ ପ୍ରଦୀପ କୁମାର ଅଚ୍ଚି କହିଛନ୍ତି ।



ବରପାଲିରେ ଥିବା ଓଭରହେଡ ପାଣିଟାଙ୍କି ।

■ ବାପ୍ କିଡ୍‌ନୀ ରୁଗୀ, ଝି’ ହୃଦ୍‌ରୋଗ୍‌ରେ ପୀଡ଼ିତ

# ଚିକିତ୍ସା ସାହାଯ୍ ଲାଗି ଜିଲାପାଳଙ୍କୁ ଗୁହାରି

ବରଗଡ଼ ଅଫିସ୍,୨୭।୫

ବରଗଡ଼ ଜିଲା ବରଡୋଲ ପଁଚେତ ଅଧୀନ ପିପିଲିପାଲି ବନ୍ଧପାଲି ଗାଁର ରାଜେଶ ରାଓ। ସେ ଝନେ ନିହାତି ଗରିବ୍, କୁଲି ମଜୁରି କରି ନିଜର କୁଟୁମ ପୁଷୁଛନ୍। ପରିବାର କହେଲେ ମାଏକିନା, ତିନ୍ ଝି’ ବିନ୍ଦୁ, ଡଲି, ସୀତା ଆର ପୁଓ ରଥକେ ନେଇ ତାକର ସଁସାର। ହେଲେ ଏହେଦେ ତାକର ଉପରେ ଦୁଖର ପାହାଡ଼ ମାଡ଼ି ବସିଛେ। ରାଜେଶ ନିଜେ କିଡ୍‌ନୀ ରୋଗ୍‌ରେ ଆକ୍ରାଁତ ଥିଲାବେଳେ ସାନ ଝି’ ସୀତା(୧୦) ହୃଦ୍ ରୋଗ୍‌ରେ ପୀଡ଼ିତ ଅଛନ୍। ରାଜେଶ ଝି’ର ଚିକିତ୍ସା ଲାଗି ବୁର୍ଲା ବଡ଼ଡାକ୍ତରଖାନାରେ ଦେଖେଇଥିଲେ। ସେଠାନେ ଡାକ୍ତର ପରୀକ୍ଷା ନିରୀକ୍ଷା ଉତାରୁ ସୀତାର ଚିକିତ୍ସା ଲାଗି ଅପରେଶନର ଦରକାର ପଡୁଛେ ବଲି କହେବାର ସଂଗେ ଆପୋଲୋ ହସପିଟାଲ ନେବାକେ ପରାମଶ ଦେଇଥିଲେ। ହେଲେ ଟଁକା ପଏସା ଅଭାବୁ ଏହେଦେ ସୀତାର ଚିକିତ୍ସା ଅଟକି ରହିଛେ। ଇଆଡ଼େ ରାଜେଶର ପରିସ୍ଥିତି ଏନ୍‌ତା ଯେ, ଝି’କେ ଆପୋଲୋ ହସପିଟାଲ ନେବାକେ ବି ତାକର ପାସେ ଟଁକା ନାଁଇଁ। ଯେନ୍‌ଥିରଲାଗି ଝି’ର ଚିକିତ୍ସା ସାହାଯ୍ ସଂଗେ ଯିବାର ଆଏବାର ଖରଚ୍‌ର ସହଯୋଗ ଆଶ୍‌ରେ ସେ ଜିଲାପାଳଙ୍କୁଁ ଗୁହାରି କରିଛନ୍। ରାଜେଶ ନିଜର ମାଏକିନାର ସଂଗେ ଜିଲାପାଳଙ୍କର ଅଫିସ ଆସି ସ୍ମାରକପତର ଦେଇଥିଲେ।



ଚିକିତ୍ସା ସହାଯ୍ ଲାଗି ଜିଲାପାଳଙ୍କୁଁ ଫେରାଦ ହେଇଥିବାର ଦମ୍ପତି।

# ଜଳିଗଲା ୩ ଏକର ଜମିର ଧାନଖରି

ବରଗଡ଼ ଅଫିସ୍,୨୭।୫

ବରଗଡ଼ ବ୍ଲକ ଅନ୍ତର୍ଗତ ଅଡ଼ଗାଁରେ ସୋମବାର ପୂର୍ବାହ୍ନରେ ନିଆଁ ଲାଗି ଯିବା ଯୋଗୁ ଗ୍ରାମର ଭାଗବତିଆ ପ୍ରଧାନଙ୍କ ସାଢ଼େ ୩ ଏକର ଜମିର ଧାନଖରି ପୋଡ଼ି ପାଉଁଶ ହୋଇ ଯାଇଛି । ଏହା ସହିତ ପାଖରେ ରହିଥିବା ଟ୍ରାକ୍ଟର ଏବଂ ଧାନ ଅମଳ ମେଶିନ ମଧ୍ୟ ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ହୋଇଛି । ତେବେ କିଭଳି ସେଠାରେ ନିଆଁ ଲାଗିଲା, ତାହା ସ୍ପଷ୍ଟ ହୋଇ ପାରିନାହିଁ । ଘଟଣାସ୍ଥଳକୁ ଦମକଳ ପହଞ୍ଚିଲା ବେଳକୁ ସବୁ ପୋଡ଼ି ନଷ୍ଟ ହୋଇ ଯାଇଥିଲା ।




ଅଗ୍ନିକାଣ୍ଡରେ ନଷ୍ଟ ହୋଇଥିବା ଅମଳ ଧାନ ।

# ଜିଲାପାଳଙ୍କୁ ଭେଟିଲେ ଚାଷୀ

ବରଗଡ଼ ଅଫିସ୍,୨୭।୫

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ପାଇକମାଳ ବ୍ଲକ ମିଠାପାଲି ପଞ୍ଚାୟତ ଅନ୍ତର୍ଗତ ଗୁରୁଣ୍ଡା ଗ୍ରାମକୁ ୨୦୧୮ ଫସଲକ୍ଷତି ସହାୟତାରୁ ବାଦ୍ ଦିଆଯାଇଥିବା ଅଭିଯୋଗ ହୋଇଛି । ଏଭଳି ଅଭିଯୋଗ ନେଇ ସୋମବାର ଗ୍ରାମର ଚାଷୀମାନେ ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ ସହି ଫସଲକ୍ଷତି ବାବଦକୁ କ୍ଷତିପୂରଣ ସହାୟତା ଏବଂ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ସହାୟତା ରାଶି ପ୍ରଦାନ କରିବାକୁ ନିବେଦନ କରିଛନ୍ତି।

ବର୍ଷାଭାବ ଯୋଗୁ ପଦ୍ମପୁର ଉପଖଣ୍ଡରେ ଫସଲକ୍ଷତି ହୋଇଥିଲା। ପାଇକମାଳ ବ୍ଲକ ମିଠାପାଲି ପଞ୍ଚାୟତ ମଧ୍ୟ ଏଥିରେ ପ୍ରଭାବିତ ହୋଇଥିଲା।



ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀମାନେ ।

## ଫସଲକ୍ଷତି ସହାୟତା ଦାବି

ତେବେ ଉକ୍ତ ପଞ୍ଚାୟତ ଅନ୍ତର୍ଗତ ମିଠାପାଲି, କଟଙ୍ଗପାଲି, ଡୁଙ୍ଗୁରିପାଲି, ବୁଟୁରାଖମାର, ପିପଲଖୁଣ୍ଟା, କୁଡ଼ାରୀଫସା ଏବଂ ମନଭଙ୍ଗ ଗ୍ରାମର ଚାଷୀମାନେ ଫସଲକ୍ଷତି ସହାୟତା ପାଇଥିବାବେଳେ ସେଥିରୁ ସେମାନଙ୍କ ଗ୍ରାମକୁ ବାଦ୍ ଦିଆଯାଇଛି ବୋଲି ଗୁରୁଣ୍ଡା ଗ୍ରାମବାସୀ ଅଭିଯୋଗ କରିଛନ୍ତି। କ୍ଷତିପୂରଣ ସହାୟତା ମିଳି ନ ଥିବା ଯୋଗୁ ସେମାନେ ଅସୁବିଧାର ସମ୍ମୁଖୀନ ହୋଇଥିବା ପ୍ରକାଶ କରିବା ସହିତ କ୍ଷତିପୂରଣ ଦାବି କରିଛନ୍ତି ।

■ ବାଟବନା ସରକାରୀ ଯୋଜନା

# କାମ୍‌ଧଁଦା ଅଭାବୁ ବଢୁଛେ ଦାଦନ ସମସିଆ

କାମଟିକ୍ରା, ୨୭।୫ (ଡି.ଏନ.ଏ):

କେନ୍ଦ୍ର ଆର ରାଏଜ୍ ସରକାର ଗରିବ୍ ଦୁଖିରକର ଜିଁବାର ଖାଏବାର ଲାଗି ଅନେକ ଯୋଜ୍‌ନା କାଯ୍‌କାରୀ କରୁଛନ୍। ହେଲେ ଭିନେ ଭିନେ କାରନ୍‌ରୁ ଇ ସବୁ ଯୋଜନା ହକ୍‌ଦାର ହିତାଧିକାରୀଙ୍କର ପାସକେ ପୁହୁଁଚି ନାଇଁପାରବାର। ଲୋକ୍ କାମ୍‌ଧଁଦା ଅଭାବୁ ପେଟ୍‌ପାଟନାର ଚିନ୍‌ତାରେ ଗାଁ, ଘରଦୁଆର ଛାଡ଼ି ଉନିଆ ରାଏଜ୍‌କେ ଦାଦନ ଖଟି ଯାଉଛନ୍। ଏନ୍‌ତା ପରିସ୍ଥିତି ଦେଖିବାକେ ମିଲିଛେ ବରଗଡ଼ ଲୋକସଭା ମଣ୍ଡଳୀ ଅଧୀନ ଅତାବିରା ବିଧାନସଭା ମଣ୍ଡଳୀରେ।

ସୂଚନା ଅନ୍‌ସାରେ ଇ ବିଧାନସଭା ମଣ୍ଡଳୀର ଅନେକ ଗାଁରେ ସରକାରଙ୍କର ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ଆମ ଗାଁ ଆମ ବିକାଶ ଯୋଜନା ବାଟବନା ହେଇଥିବାର ଜନାଯାଇଛେ। ନିରବାଚନ ମଣ୍ଡଳୀ ଅଧୀନ ଗୁର୍ଖାପାଲି, ଝରାପାଲି, କୁସନପୁରି, ବକଟି, ଅପାମରା ଲେଖେଁ ଗାଁମାନକେ ଲୋକ୍ କାମ୍‌ଧଁଦା ଅଭାବୁ ପେଟ୍‌ପାଟନା ଚିନ୍‌ତାରେ ଦାଦନ ଖଟିଯାଉଛନ୍। ହେଲେ ଇ ଦାଦନ୍ ଶ୍ରମିକ ଘରକେ ଫିରବା କି ନାଇଁ ତାର କିଛି ଠିକ୍‌ଠିକାନା ନାଇଁ। କେତେବେଳେ ଗୋଡ଼ହାତ୍ ହରେଇ ଫିରୁଛେ ତ ଆର କେତେବେଳେ ଲାସ୍ ହେଇ ଫିରୁଛେ। ୨ ହପ୍‌ତା ତଲେ ଏନ୍‌ତା ଗୁଟେ ଦୁଖଦ୍ ଘଟନା ଅଂଚଲରେ ଦେଖିବାକେ ମିଲିଥିଲା। ଭେଡେନ ବ୍ଲକ କୁସନପୁରୀ ଗାଁର ମେଙ୍ଗରାଜ ସୁନା(୫୦) ଆନ୍ଧ୍ରପ୍ରଦେଶ ବିଶାଖାପାଟଣାର ଚନ୍ଦାବରନର ଗୁଟେ ଇଟା ଭାଟିରେ କାମ କରୁଥିଲେ। ସେଠାନେ ତାକର ଦିହିପା ଖରାପ ହେଲା, ମାଲିକ ଉଷୋକଷା ନାଇଁକଲାରୁ ସେଠାନେ ତାକର ମୁରତୁ ହେଇଥିଲା। ଅଂଚଲର ଅନେକ ଗାଁରୁ ସବୁ ପରିବାରର ଝନେ ଦୁଇଝନ୍ ବାହାର ରାଏଜ୍‌କେ ଦାଦନ ଖଟୁଛନ୍। ଏନ୍‌ତା ବି ପରିବାର ଅଛନ୍ ଯେନ୍‌ମାନେ କୁଟୁମବସିଆ ବାହାର ରାଏଜେ ଦାଦନ୍ ଖଟୁଛନ୍ ଆର ବଛର ବଛର ହେଲା ଘରେ ତାଲା ଝୁଲୁଛେ। କେନ୍ଦ୍ର ଆର ରାଏଜ୍ ସରକାର ଇ ସମସିଆର ସମାଧାନ ଲାଗି ଯୋଜନା ଉପରେ ଯୋଜନା କରି କୋଟି କୋଟି ଟଁକା ସାରୁଛନ୍। ହେଲେ ସମସିଆର ସମାଧାନ ଦିଗେ କାହାରି ଆଁତରିକତା ଥିଲାଲେଖେଁ ବୋଧ୍ ନାଇଁ ହେବାର। ପ୍ରଧାନମନ୍ତ୍ରୀ ସବକା ସାଥ ସବକା ବିକାଶ ନାରା ଦେଲାବେଲେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଆମଗାଁ ଆମ ବିକାଶର ନାରା ଦେଉଛନ୍। ହେଲେ ଇଥିରେ ଗରିବ୍ ଦୁଖିକର ବିକାଶ ହେଲା ଲେଖେଁ ନାଇଁ ଦିଶବାର। ଆମଗାଁ ଆମ ବିକାଶ ଯୋଜନାରେ ଖାଲି ଦେଉଲ, କମ୍ୟୁନିଟି ହଲ ତିଆର କଲେ ଗାଁର ବିକାଶ ନାଇଁହୁଏ। ଗାଁର ବିକାଶ ସେଦିନ ହେବା, ଯେନ୍‌ଦିନ ଗାଁର ଲୋକ୍‌ମାନେ ଫିଦିନ୍ କାମ୍ ପାଏବେ, ସବୁଦିନେ ଦୁଇ ପଏସା ରୁଜଗାର କରବାର ସୁଯୋଗ ପାଏବେ। ସବୁଠାନୁ ଦୁଖର କଥା ଅଂଚଲରୁ ଦାଦନ୍ ଖଟି ଯାଉଥିବାର ଶ୍ରମିକମାନଙ୍କର ସୂଚନା ଶ୍ରମ ବିଭାଗ ପାସେ ନାଁଇଁ। ଲାଗ୍ ଲାଗ୍ ଚାଷ୍‌ବାସରେ କ୍ଷତି, କାମ୍‌ଧଁଦାର ବଡ଼ଭାରି ଅଭାବ ଲାଗି ଲୋକ୍ ଉପେ ଶୂଇନ୍ ହେଇ ବାହାର ରାଏଜ୍‌କେ ଦାଦନ ଖଟିଯାଉଛନ୍। ଇଆଡ଼େ ନିରବାଚନ୍ ବେଲେ ସବୁ ଗାଁକେ ମାଲ ମାଲ ନେତା, ମନ୍ତ୍ରୀକର ଧାର ଲମ୍ବୁଛେ। ପରତିଶ୍ରୁରତି ଉପରେ ପରତିଶ୍ରୁରତି ଦେଉଛନ୍। ହେଲେ ନିରବାଚନ ସଏଲେ କେହି ଗାଁକେ ଉଲଟି ନାଇଁ ଦେଖିବାର। ଗରିବ୍ ଦୁଖି ଯେନ୍ ଅବସ୍‌ତାକେ ସେ ଅବସ୍‌ତାରେ ରହୁଛନ୍, ଦୁଖ୍ ବୁଝବାକେ କେହି ନାଇଁ। ଅବସ୍‌ତା ଏନ୍‌ତା ଯେ, ଫିଦିନ୍ ସଖାଲ ପାଏଲେ ବାହା ଜାଂଗଲ ମାଜଲେ ଯାଇ ଘରର ଚୁଲି ଜଲୁଛେ। କାମ୍ ନାଇଁ ମିଲ୍‌ଲେ କୁଟୁମବସିଆ ଖାଡ଼ା ଉପାସ।



ଜୀବନ୍ ହରେଇଥିବାର ଦାଦନ୍ ଶ୍ରମିକଙ୍କର ପରିବାର ସଂଗେ ବିଡିଓ ଆଲୋଚନା କରୁଛନ୍।



କଷ୍ଟ ଏବଂ ବିପଦ ! ମନୁଷ୍ୟକୁ ଶିକ୍ଷା ଦେବାର ଶ୍ରେଷ୍ଠ ଗୁଣ ଅଟେ। ଯିଏ ଏହି ସମୟକୁ ସାହସର ସହିତ ସାମ୍ନାକରେ ସେ ହିଁ କଷ୍ଟ ଓ ବିପଦକୁ ବିଜୟ କରିପାରେ।

- ଚାଣକ୍ୟ



## ସଂକ୍ଷେପରେ

### ପରିସ୍ରାଗାର ନିର୍ମାଣ ଦାବି

**ବିନିକା,୨୭।୫ (ଡି.ଏନ୍.ଏ.):** ସୋନପୁର ସଦର ବ୍ଲକ ଲଛିପୁର ବସ୍‌ଷ୍ଟାଣ୍ଡରେ ପରିଶ୍ରାଗାର ନାହିଁ। ଏଥିଯୋଗୁ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ମହିଳା ଯାତ୍ରୀମାନେ ଅଧିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥି ସହିତ ବସ୍‌ଷ୍ଟାଣ୍ଡକୁ ଆସୁଥିବା ଯାତ୍ରୀମାନେ ବିଶ୍ରାମଗାର ନଥିବାରୁ ବାଧ ହୋଇ ଦୋକାନମାନଙ୍କରେ ଆଶ୍ରୟ ନେଇଥାନ୍ତି। ସିଆଲି, ନକ୍‌ଟାମୁଣ୍ଡା, ବାବୁପାଲି, ଭୁର୍ଣ୍ଣାପାଲି, ଡବଲଙ୍ଗ, ମଟିଆପାଲି, ଲୁପୁରସିଂହାରୁ ପ୍ରତ୍ୟହ ଶହଶହ ଯାତ୍ରୀ ସେମାନଙ୍କ ଗନ୍ତବ୍ୟସ୍ଥଳକୁ ଯିବା ଆସିବା କରିବା ପାଇଁ ଏଡି ବସ୍‌ଷ୍ଟାଣ୍ଡକୁ ଆସିଥାନ୍ତି। ଏଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଲଛିପୁର ବସ୍‌ଷ୍ଟାଣ୍ଡରେ ବିଶ୍ରାମାଗାର ଓ ପରିଶ୍ରାଗାର ନିର୍ମାଣ କରିବାକୁ ଦାବି ହେଉଛି ।

### ଗୀତା ପଠନ କାର୍ଯ୍ୟକ୍ରମ

**ବିନିକା,୨୭।୫(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଚରଦା ପୂର୍ଣ୍ଣମାସୀ ମନ୍ଦିର ପ୍ରାଙ୍ଗଣରେ ଗୀତା ପଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋପାଳ ପୂଜାରୀଙ୍କ ପରିଚାଳନାରେ ଅନୁଷ୍ଠିତ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରମେଶ୍ୱର ଥନାପତି ଗୀତା ପଠନ କରିଥିଲେ। ଅନୁଷ୍ଠାନର ସଭାପତି ଆର୍ତ୍ତତ୍ରାଣ ହୋତା, ସମ୍ପାଦକ ରାମକୃଷ୍ଣ ବାରିକ, ସନ୍ତୋଷିନୀ ଥନାପତି, ସୁନୀତା ଥନାପତି, ପାର୍ବତୀ ଥନାପତି, ଆନନ୍ଦିନୀ ଥନାପତି, ସୁନ୍ଦରୀ ବାରିକ, ନିର୍ବାସିନୀ ଥନାପତି, ତ୍ରିଲୋଚନ ବାରିକ, ରବିନ୍ଦ୍ର ବାଗ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

**ବିନିକା,୨୭।୫(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାଙ୍କିଘିର୍ଡି ପଞ୍ଚାୟତର ସରପଞ୍ଚ ମାନସ ବେହେରାଙ୍କ ପିତା ତଥା ଅବସରପ୍ରାପ୍ତ ଶିକ୍ଷକ ସୀତାରାମ ବେହେରାଙ୍କ ରବିବାର ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୩ବର୍ଷ ହୋଇଥିଲା। ଦୀର୍ଘଦିନ ଧରି ସେ ମସ୍ତିଷ୍କ କର୍କଟ ରୋଗରେ ପୀଡିତ ଥିଲେ। ସୀତାରାମ ୩ବର୍ଷ ତଳେ ସେ ଅବସର ଗ୍ରହଣ କରିଥିଲେ। ଜଣେ ପ୍ରବୀଣ ଭୂଗୋଳ ଶିକ୍ଷକଭାବରେ ସେ ପରିଚିତ ଥିଲେ। ତାଙ୍କ ମୃତ୍ୟୁରେ ବିନିକା ଓ ରାମପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଜ୍ଞାତିକୁଟୁମ୍ବ ଓ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ଉପସ୍ଥିତିରେ ଗାଁ ମଶାଣିରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ଏକମାତ୍ର ପୁତ୍ର ମାନସ ମୁଖାଗ୍ନି ଦେଇଥିଲେ।

### ରାସ୍ତାକଡ଼ରୁ ଯୁବକଙ୍କ ମୃତଦେହ ଉଦ୍ଧାର

**କୋକସରା/ଭବାନୀପାଟଣା, ୨୭।୫ (ଡି.ଏନ.ଏ./ସ୍ୱ.ପ୍ର.)**- କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ଥାନା ଅନ୍ତର୍ଗତ ବରାଡ଼ଙ୍ଗା ସୁପାଡ଼ ରାସ୍ତା କଡ଼ ଏକ ପୋଲ ନିକଟରେ ସୋମବାର ସକାଳେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେଠାରେ ଏକ ସାଇକେଲ ପଡିଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ଲୋକେ ଏହା ଦେଖି ଆମପାଣି ପୋଲିସରେ ଖବର ଦେଇଥିଲେ। ପୋଲିସ ତଦନ୍ତ ପରେ ମୃତ ଯୁବକଙ୍କ ପରିଚୟ ଜଣାପଡିଥିଲା।

# କଲବଲ କରୁଛି ଗ୍ରୀଷ୍ମ ପ୍ରବାହ

**ସୋନପୁର,୨୭।୫(ନି.ପ୍ର.)**

ଆକାଶରୁ ସତେ ଯେମିତି ଅଗ୍ନି ବର୍ଷୁଛି । ମେ ମାସ ଆରମ୍ଭରୁ ପ୍ରବଳ ଗ୍ରୀଷ୍ମ ପ୍ରବାହ ସୁବର୍ଣ୍ଣପୁର ଜିଲାର ମଣିଷଙ୍କଠାରୁ ଆରମ୍ଭ କରି ପଶୁ ପକ୍ଷୀ ଓ ଜୀବଜନ୍ତୁଙ୍କୁ କଲବଲ କଲାଣି। ଦିନ କିମ୍ବା ରାତିରେ ମଧ୍ୟ ଆଶ୍ୱସ୍ତି ମିଳୁନି। ସୋମବାର ଏଠାରେ ତାପମାତ୍ରା ୪୪.୮ ଡିଗ୍ରୀ ସେଲସିୟସ ରହିଛି। ତତଲା ହାୱା ପରିବେଶକୁ ଅଧିକ ଉତ୍ତପ୍ତ କରିଦେଇଛି । ଗ୍ରୀଷ୍ମର ପ୍ରକୋପ ଦିନକୁ ଦିନ ବଢି ଚାଲିଛି । ସକାଳ ୭ଟାରୁ ମାଡି ଆସୁଛି ଭୟଙ୍କର ତାତି । ଖରାର ପ୍ରକୋପ ସାଙ୍ଗକୁ ଝାଞ୍ଜିମାଡ ସ୍ଥିତିକୁ ଅଧିକ ସଙ୍ଗୀନ କରିଛି। ଲୋକେ ତହଲବିକଳ ହେଉଛନ୍ତି । ରାତିରେ ଗୁଳଗୁଳି ଲୋକଙ୍କୁ ଅଣନିଃଶ୍ୱାସୀ କରି ପକାଉଛି । ମାତ୍ର ବର୍ଷାର ନାଁ ଗନ୍ଧ ନାହିଁ। ରାସ୍ତାଘାଟ ଶୂନଶାନ ରହୁଛି । ଘରୁ ବାହାରିବା ମୁସ୍କିଲ ହୋଇପଡିଛି। ଦେହ ମୁହଁ ପୋଡିଗଲା ଭଳି ଲାଗୁଛି। ନିହାତି କାମ ନ ଥିଲେ ଲୋକେ ଘରୁ ବାହାରୁ ନାହାନ୍ତି ।

ଅନ୍ୟପକ୍ଷେ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ତାତିରୁ ନିସ୍ତାର ନାହିଁ। ପଶ୍ଚିମ ଓଡିଶାରେ ତାତି ବୃଦ୍ଧି ପାଇବ ବୋଲି ପାଣିପାଗ ବିଭାଗ ଚେତାବନୀ ଜାରି କରିଛି । କ୍ରମାଗତ ତାପମାତ୍ରା ବୃଦ୍ଧି ଫଳରେ ଆଗକୁ ଅବସ୍ଥା କିପରି ହେବ ତାକୁ ନେଇ ଜିଲାବାସୀ ଆତଙ୍କିତ ହୋଇ ପଡିଛନ୍ତି। ଏଭଳି ପରିସ୍ଥିତିରେ ଲୋଭୋଲଟେଜ୍, ଅଘୋଷିତ ବିଦ୍ୟୁତ୍ କାଟ୍, ପାନୀୟ ଜଳ ସମସ୍ୟା ଜନସାଧାରଣଙ୍କ ଦୁଃଖକୁ ଦ୍ୱିଗୁଣିତ କରୁଛି। ଜିଲାର ଗ୍ରାମାଞ୍ଚଳରେ ଅବସ୍ଥା ସଙ୍ଗୀନ। ଅଧିକାଂଶ ନଳକୂପ ଓ ଜଳ ଯୋଗାଣ ପ୍ରକଳ୍ପ ଅଚଳ ରହିଛି । ସେଭ୍ଭୁଡିକୁ ସଜଡା ଯାଉନି । ମହାନଦୀ, ତେଲନଦୀ ଓ ଅଙ୍ଗନଦୀ କୂଳରେ ଥାଇ ମଧ୍ୟ ଜିଲାବାସୀ ଜଳକଷ୍ଟ ଭୋଗୁଛନ୍ତି। ଜଙ୍ଗଲରେ ପକ୍ଷୀ, ବନ୍ୟଜନ୍ତୁ ପାଣି ମୁନ୍ଦାଏ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଜିଲାରେ ଆବଶ୍ୟକତା ଠାରୁ ବହୁ କମ୍ ଜଙ୍ଗଲ ରହିଛି । ଏଥିପାଇଁ ବର୍ଷା ହେଉନି । କେବଳ ମୌସୁମୀ ଓ ଲଘୁଚାପ ବର୍ଷାକୁ ହିଁ ଅପେକ୍ଷା କରିବାକୁ ପଡୁଛି । ମାତ୍ର ଜିଲାରେ ବନୀକରଣ ସଠିକ୍ ଢଙ୍ଗରେ ହେଉନି । ଓସାରିଆ ରାସ୍ତା ଓ କୋଠାବାଡି ନିର୍ମାଣ ପାଇଁ ପୁରୁଣା ଗଛ ଗୁଡିକୁ କାଟି ଦିଆଯାଉଛି। ଠିକାଦାରଙ୍କ ଲାଭ ପାଇଁ ପିଚୁ ରାସ୍ତା ବଦଳରେ ସବୁଠି କେବଳ କଂକ୍ରିଟ୍ ଜଙ୍ଗଲ ସୃଷ୍ଟି ପାଇଁ ଉଦ୍ୟମ କରାଯାଉଛି। ଏମଜିଏନଆରଇଜିଏସ୍‌ରେ ଶତାଧିକ କୋଟି ଟଙ୍କା ଖର୍ଚ୍ଚ ହେଲାଣି । ମାତ୍ର ପାରମ୍ପରିକ ଜଳଉତ୍ସର ପୁନରୁଦ୍ଧାର ପ୍ରତି ଗୁରୁତ୍ୱ ଦିଆଯାଉନି। ପୁଣି ବେଆଇନ ଭାବେ ଇଟାଭାଟି ପୋଡାଯିବା ଯୋଗୁଁ ତାତି ବଢୁଛି। ନଦୀରେ ଜଳସ୍ତର ହ୍ରାସ ପାଇବାରୁ ବିସ୍ତୀର୍ଣ୍ଣ ବାଲୁକା ରାଶି ଓ ପ୍ରସ୍ତର ଖଣ୍ଡ ତାତିକୁ ବଢାଉଛି। ଚଳିତ ବର୍ଷ ସ୍ୱଳ୍ପ ବୃଷ୍ଟିପାତ ଯୋଗୁଁ ଗାଁ ଗଣ୍ଡାରେ ଥିବା ଜଳାଶୟଗୁଡିକ ସମ୍ପୂର୍ଣ୍ଣ ଶୁଷ୍କ ହୋଇ ପଡିଛି। ଭୂତଳ ଜଳସ୍ତର ହ୍ରାସ ଯୋଗୁଁ ଅନେକ ଅଞ୍ଚଳରେ ପାନୀୟ ଜଳର ସମସ୍ୟା ସୃଷ୍ଟି ହୋଇଛି। ଏପଟେ ବିଭିନ୍ନ ଥଣ୍ଡା ପାନୀୟ, ସରବତ, ଆଖୁରସ, ଲସି, ଦହିବରା, ତାଳସଜ ଓ ତରଭୁଜ ଦୋକାନରେ ଲୋକଙ୍କ ଭିଡ ଜମୁଛି । ମାତ୍ର ସରକାରୀ ଅଫିସ ଗୁଡିକ ଖାଁ ଖାଁ ଲାଗୁଛି । ଅସହ୍ୟ ତାତି ଯୋଗୁଁ ଲୋକେ କୌଣସି କାମରେ ଅଫିସ ଆସୁ ନାହାନ୍ତି। ପଙ୍ଖା ଓ କୁଲରରୁ ଗରମ ପବନ ବାହାରୁ ଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ତେବେ ପ୍ରଶାସନ ବେଆଇନ ଇଟାଭାଟି ପୋଡାକୁ ବନ୍ଦ କରିବା, ବିଦ୍ୟୁତ୍ ସରବରାହକୁ ସ୍ଥିର ରଖିବା, ପର୍ଯ୍ୟାପ୍ତ ଭାବେ ଜଳଛତ୍ର ଖୋଲିବା ଓ ଗୋରୁ ଆଦି ଗୃହପାଳିତ ପଶୁଙ୍କ ପିଇବା ପାଇଁ ବ୍ୟବସ୍ଥା କରିବାକୁ ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି ।



ବେଆଇନ ଭାବେ ଇଟାଭାଟି ପୋଡାଯିବା ଯୋଗୁଁ ତାତି ବୃଦ୍ଧି ପାଉଛି ।

**ସୁବର୍ଣ୍ଣପୁରରେ ତାପମାତ୍ରା ୪୪.୮ ଡିଗ୍ରୀ**

# ଅଗ୍ନିକାଣ୍ଡରେ ଜଳିଗଲା ୫ ବଖରା

**ଉଲୁଣ୍ଡା, ୨୭।୫(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ସଦର ଥନାପତି ପଡାରେ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୨ପରିବାରର ୫ ବଖରା ଘର ପୋଡି ପାଉଁଶ ହୋଇଯାଇଛି। ବିପନ୍ନମାନେ ହେଲେ ପଡାର ଚମ୍ପେଶ୍ୱର ଥନାପତି ଏବଂ ଆଲୋକ ଦେହେରି। ସବୁଦିନ ଭଳି ଉଭୟ ପରିବାର ସଦସ୍ୟ ଘରେ ଶୋଇ ପଡିଥିଲେ। ରାତି ପ୍ରାୟ ୧୨ଟାରେ ଘର ନିଆଁ ଲାଗି ଜଳୁଥିବା ଦେଖାଯାଇଥିଲା। ଫଳରେ ଉଭୟ ପରିବାରର ସମସ୍ତ ସଦସ୍ୟ ଜୀବନ ବଞ୍ଚାଇ ଘରୁ ବାହାରି ଆସିଥିଲେ। ଚମ୍ପେଶ୍ୱରଙ୍କ ୩ ବଖରା ଘର ସମେତ ମହଜୁଦ ଥିବା ୧୦ ପ୍ୟାକେଟ ଚାଉଳ, ୧୨ ପାକେଟ ଧାନ ଏବଂ ସମସ୍ତ ଆସବାବ ପତ୍ର ପୋଡିଯାଇଛି। ଏହାସହ ଆଲୋକଙ୍କ ଦୁଇ ବଖରା ଘର ସମେତ ପରିବାରର ସମସ୍ତ ଆସବାବପତ୍ର ପୋଡିଯାଇଛି। ଖବର ପାଇ ଉଲୁଣ୍ଡା ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କଲାବେଳକୁ ସବୁକିଛି ଶେଷ ହୋଇଯାଇଥିଲା। ଅଗ୍ନିକାଣ୍ଡର କାରଣ ଜଣାପଡିନାହିଁ। ଉଲୁଣ୍ଡା ସରପଞ୍ଚ ସନ୍ତୋଷିନୀ ଭୋଇଙ୍କ ସମେତ ବ୍ଲକ ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କଲାପରେ ୫୦ କେଜି ଚାଉଳ ଏବଂ ପଲିଥିନ ଯୋଗାଇ ଦିଆଯାଇଛି।

ଋଣ ଶୁଝିବା ଟଙ୍କା ଆତ୍ମସାତ୍

# କମ୍ୟୁନିଟି ସର୍ଭିସ ଅଫିସର ଗିରଫ

**ଛତ୍ରପୁର,୨୭।୫(ଡି.ଏନ.ଏ.):** ଋଣଗ୍ରହୀତାଙ୍କଠାରୁ ଆଦାୟ କରିଥିବା ଟଙ୍କା ଜମା ନ କରି ଏକ ଘରୋଇ କମ୍ପାନୀ କମ୍ୟୁନିଟି ସର୍ଭିସ ଅଫିସର ଅର୍ଥ ଆତ୍ମସାତ କରିଥିବା ଅଭିଯୋଗ ହୋଇଛି। ଏଥିରେ ସମ୍ପୃକ୍ତ କମ୍ପାନୀ କମ୍ୟୁନିଟି ସର୍ଭିସ ଅଫିସର ଚନ୍ଦ୍ରଶେଖର ସାହୁଙ୍କୁ ଛତ୍ରପୁର ପୋଲିସ ଗିରଫ କରିଛି। ଏହାପରେ ସୋମବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଛତ୍ରପୁର ଥାନା ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ ସୂଚନା ଦେଇଛନ୍ତି। ଗିରଫ ଚନ୍ଦ୍ରଶେଖରଙ୍କ ଘର ପୁରୀ ଅଞ୍ଚଳରେ ବୋଲି ଜଣାପଡିଛି । ମିଳିଥିବା ସୂଚନା ଅନୁସାରେ ଛତ୍ରପୁରରେ ଥିବା ସାଟିନ୍ କ୍ରେଡିଟ୍ କେୟାର ନେଟୱର୍କ ଲିମିଟେଡ୍ ସଂସ୍ଥା ପକ୍ଷରୁ ୨୬ ଜଣଙ୍କୁ ଋଣ ଦିଆଯାଇଥିଲା । ଋଣ ଟଙ୍କା ଆଦାୟ ନିମିତ୍ତ ଗ୍ରହୀତାମାନଙ୍କ ଘରକୁ ଯାଇ କମ୍ୟୁନିଟି ସର୍ଭିସ ଅଫିସର ସାହୁଙ୍କୁ ସଂସ୍ଥା ପକ୍ଷରୁ ଏହାର ଦାୟିତ୍ୱ ଦିଆଯାଇଥିଲା। ସାହୁ ଘରକୁ ଘର ଯାଇ ୨୬ ଜଣ ଗ୍ରହୀତାଙ୍କଠାରୁ ୯୧ ହଜାର ଟଙ୍କା ଆଦାୟ କରିଥିଲେ । ମାତ୍ର ଉକ୍ତ ଟଙ୍କାକୁ ସେ ସଂସ୍ଥା କାର୍ଯ୍ୟାଳୟରେ ଜମା କରି ନ ଥିଲେ । ପରେ ଗ୍ରହୀତାଙ୍କଠାରୁ ଏ ସମ୍ପର୍କରେ ଜଣାପଡିବା ପରେ ସଂସ୍ଥା ଶାଖା ପରିଚାଳକ ସ୍ମୃତି ରଞ୍ଜନ ମିଶ୍ରଙ୍କ ପକ୍ଷରୁ ଛତ୍ରପୁର ଥାନାରେ ଏତଲା ଦିଆଯାଇଥିଲା। ଉକ୍ତ ଏତଲାକୁ ଭିତ୍ତିକରି ଛତ୍ରପୁର ପୋଲିସ ଏକ ମାମଲା (ନଂ-୧୧୭/୧୯) ରୁଜୁ କରି ତଦନ୍ତ ଚଳାଇଥିଲା । ପରେ ଛତ୍ରପୁର ପୋଲିସ ଏଥିରେ ସମ୍ପୃକ୍ତ କମ୍ୟୁନିଟି ସର୍ଭିସ ଅଫିସର ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ୫ମାସ ହେଲା ସୋଲାର ପ୍ରକଳ୍ପ ଅଚଳ

**ବିନିକା,୨୭।୫ (ଡି.ଏନ୍.ଏ.)**

ସୋନପୁର ସଦର ବ୍ଲକ ଲଛିପୁର ପଞ୍ଚାୟତ ଅନ୍ତର୍ଗତ ଅସୁରମୁଣ୍ଡା ଗ୍ରାମରେ ସୌର ଚାଳିତ ଜଳ ଯୋଗାଣ ପ୍ରକଳ୍ପ ଗତ ୫ମାସ ହେଲା ଅଚଳ ହୋଇପଡିଛି। ଫଳରେ ଗ୍ରାମବାସୀ ପାନୀୟ ଜଳ ପାଇଁ ହଟହଟାର ସମ୍ମୁଖୀନ ହେଉଛନ୍ତି। ସରକା ଙ୍କ ଜଳ ଓ ପରିମଳ ବିଭାଗ ପକ୍ଷରୁ ପ୍ରାୟ ୩ବର୍ଷ ତଳେ ଅସୁରମୁଣ୍ଡା ଗ୍ରାମବାସୀଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବା ପାଇଁ ଏକ ସୋଲାର ଜଳ ପ୍ରକଳ୍ପ ବସାଯାଇଥିଲା। ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଉକ୍ତ ପ୍ରକଳ୍ପଟି ଗତ ୫ମାସ ହେଲାବନ୍ଦ ହୋଇ ପଡିଛି। ଏ ନେଇ ବାରମ୍ବାର ଅଭିଯୋଗ କଲେ ସୁଦ୍ଧା କେହି ଶୁଣୁ ନଥିବା ଅଭିଯୋଗ ହେଉଛି। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ଏହି ପ୍ରକଳ୍ପକୁ ଯଥାଶୀଘ୍ର ସଚଳ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



ଅଚଳ ହୋଇ ପଡିଥିବା ସୋଲାର ପ୍ରକଳ୍ପ।



କର୍ମଶାଳାରେ ଉପସ୍ଥିତ ଶିକ୍ଷୟିତ୍ରୀ, ଶିକ୍ଷକବୃନ୍ଦ ।

# ବିକାଶରେ ଶିକ୍ଷକ କର୍ମଶାଳା

**ବରଗଡ଼ ଅଫିସ୍,୨୭।୫**

ବରଗଡ଼ର ବିକାଶ ଆବାସିକ ବିଦ୍ୟାଳୟ (ଉଚ୍ଚ ମାଧ୍ୟମିକ) ସମୂହର ଶିକ୍ଷକ କର୍ମଶାଳା ଲେଟ୍‌ସ ଗ୍ଲୋ ଟୁ ଗ୍ରୋ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣାଙ୍କ ନେତୃତ୍ୱ ତଥା ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ମାର୍ଗଦର୍ଶନରେ ଏହା ଗତ ୨୨ତାରିଖରେ ଉଦଘାଟିତ ହୋଇଥିଲା। ଉଦଘାଟନୀ ସମାରୋହରେ ବିକାଶ ଗ୍ରୁପର ଚେୟାରମ୍ୟାନ କ୍ରୀଷ୍ଣା ଏବଂ ଡାଇରେକ୍ଟର(ଏଡ଼ମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବିକାଶ ଆବାସିକ ବିଦ୍ୟାଳୟ, ବରଗଡ଼ର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ କର୍ମଶାଳାର ଲକ୍ଷ୍ୟ ଉପରେ ଆଲୋକପାତ କରିଥିଲେ । ଉପାଧ୍ୟକ୍ଷ ଚିତ୍ତରଞ୍ଜନ ପତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଭୁବନେଶ୍ୱର ଶାଖା କୋ ଅର୍ଡ଼ିନେଟର ଦିଲୀପ କୁମାର ତାଙ୍କ ଏକ ବର୍ଷର ଶୈକ୍ଷଣିକ ଅନୁଭୂତି ଉପସ୍ଥାପନ କରିଥିଲେ । ଉକ୍ତ କର୍ମଶାଳାରେ ବିକାଶ ଆବାସିକ ବିଦ୍ୟାଳୟର ବରଗଡ଼, ଭୁବନେଶ୍ୱର, ଭବାନୀପାଟଣା ଶାଖା ଏବଂ ବିକାଶ ଦି କନସେପ୍ଟ ସ୍କୁଲ, ସମ୍ବଲପୁରର ୭୦ଜଣ ଅଧ୍ୟାପିକା, ଅଧ୍ୟାପକ ଯୋଗ ଦେଇଥିଲେ । ଡାଇରେକ୍ଟର ଡଃ ପଣ୍ଡା କନସେପ୍ଟ କ୍ଲିଅରେନ୍ସ ଥ୍ରୁ ଏନସିଇଆରଟି ଲେସନ ଫ୍ଲୋ ଚାର୍ଟ ପାୱାର ପଏଣ୍ଟ ପ୍ରଦର୍ଶନ କରି ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବିକାଶ ଗ୍ରୁପର ଚେୟାରମ୍ୟାନ କ୍ରୀଷ୍ଣା ଛାତ୍ରୀଛାତ୍ରଙ୍କ ଶ୍ରେଷ୍ଠ ପ୍ରଦର୍ଶନ ଓ ଅଭିଭାବକଙ୍କର ଆଶା, ଆକାଂକ୍ଷାକୁ ପୂରଣ କରିବାରେ ବିକାଶ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ଡାଇରେକ୍ଟର ଡି. ନାଗେଶ୍ୱର ରାଓ ଉନ୍ନତମାନର ଛାତ୍ର ଉପଯୋଗୀ ଅଧ୍ୟୟନ ସାମଗ୍ରୀ ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ କରିଥିଲେ । କର୍ମଶାଳାରେ ବିକାଶ ଗ୍ରୁପର ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବରଗଡ଼ର ଅଧ୍ୟକ୍ଷ ମୁରାରୀ ପ୍ରସାଦ ସାହୁ ଯୋଗଦେଇ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଉତ୍ସାହିତ କରିଥିଲେ। ବିକାଶ ସେଣ୍ଟ୍ରାଲ ଏକାଡ଼େମୀ କୋ ଅର୍ଡ଼ିନେଟର ଜି. ରାମକ୍ରୀଷ୍ଣା କାର୍ଯ୍ୟକ୍ରମ ନିରୀକ୍ଷଣ କରିଥିଲେ । ଚିତ୍ତରଞ୍ଜନ ପତି ଧନ୍ୟବାଦ ଅର୍ପଣ କରିଥିଲେ ।

# ଅପହୃତା ନାବାଳିକାଙ୍କୁ ଉଦ୍ଧାର କରିପାରୁନି ପୋଲିସ

## ଏସ୍‌ପିଙ୍କ ଅଫିସ ସମ୍ମୁଖରେ ଅନଶନ କରିବେ ମାତାପିତା

**ସୋନପୁର,୨୭।୫(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ପୋଲିସ ନାବାଳିକା ଅପହରଣକାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। କିନ୍ତୁ ଅପହୃତାଙ୍କୁ ଠାବ କରି ପାରୁନି। ଏହି ଘଟଣାରେ ପୀଡିତାଙ୍କ ମା' ଓ ବାପା ସୋମବାର ଏସ୍‌ପି ଦେବୀପ୍ରସାଦ ଦାଶଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଝିଅକୁ ଖୋଜିବା ଦିଗରେ ତତ୍ପରତା ପ୍ରକାଶ କରିବାକୁ ଅନୁରୋଧ କରିଛନ୍ତି। ପୀଡିତାଙ୍କୁ ଶୀଘ୍ର ଉଦ୍ଧାର କରିବା ପାଇଁ ଏସ୍‌ପି ଦାଶ ବୀରମହାରାଜପୁର ଆଇଆଇସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ୧୫ଦିନ ଭିତରେ ଝିଅର ସନ୍ଧାନ ନ ମିଳିଲେ ମା' ଓ ବାପା ଏସ୍‌ପିଙ୍କ ଅଫିସ ସମ୍ମୁଖରେ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ପ୍ରକାଶ ଯେ, ଲାଡୁରପେଟ ଅଞ୍ଚଳର ଜଣେ ୧୭ବର୍ଷୀୟା ନାବାଳିକାଙ୍କୁ ବୌଦ୍ଧ ଜିଲା ହରଭଙ୍ଗା ଥାନା ପଳାସଖୁଣ୍ଟୁଣି ଗ୍ରାମର ନିରଞ୍ଜନ ବଘାର ନାମକ ଜଣେ ଯୁବକ ମାର୍ଚ୍ଚ ୩୦ ତାରିଖରେ ଅପହରଣ କରିଥିବା ଅଭିଯୋଗ ହୋଇଥିଲା। ପୋଲିସ ବହୁ ଖୋଜାଖୋଜି ପରେ ଗତ ଏପ୍ରିଲ ୨୪ ତାରିଖରେ ନିରଞ୍ଜନଙ୍କୁ ତାଙ୍କ ଘରୁ ଗିରଫ କରିଥିଲା। ହେଲେ ପୀଡିତାଙ୍କୁ ଏ ପର୍ଯ୍ୟନ୍ତ ଉଦ୍ଧାର କରାଯାଇପାରିନି। ପରିବାର ବର୍ଗ ଏଥିପାଇଁ ଚିନ୍ତାରେ ଅଛନ୍ତି। ପୀଡିତାଙ୍କ ବାପା ବାରମ୍ବାର ଥାନାକୁ ଯାଉଛନ୍ତି। ମାତ୍ର ପୋଲିସ ଏ କ୍ଷେତ୍ରରେ ଆଦୌ ତତ୍ପରତା ପ୍ରକାଶ କରୁନି। ପୂର୍ବରୁ ବୀରମହାରାଜପୁର ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ହରଭଙ୍ଗାକୁ ସର୍ଚ୍ଚରେ ଯାଇଥିବା ସମୟରେ ନାବାଳିକାଙ୍କ ବାପା ୩ ହଜାର ଟଙ୍କା ଦେଇଥିଲେ । ଏବେ ଝିଅକୁ ଠାବ ପାଇଁ ପୋଲିସ ପୁଣି ଟଙ୍କା ମାଗୁଥିବା ସେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବୀରମହାରାଜପୁର ଆଇଆଇସି ପ୍ରଭା ଧନ କୁହନ୍ତି ପୀଡିତାଙ୍କୁ ଖୋଜିବା ପାଇଁ ଉଦ୍ୟମ ଜାରି ରହିଛି। ତେବେ ପ୍ରାଇଭେଟ୍ ଗାଡିରେ ସର୍ଚ୍ଚ କରିବା ଆଳରେ ଥାନା କର୍ମଚାରୀ ପୀଡିତାଙ୍କ ବାପାଙ୍କଠାରୁ ଟଙ୍କା ନେବା ଅଭିଯୋଗକୁ ସେ ଅସ୍ୱୀକାର କରିଛନ୍ତି ।

କୋଟସମଲାଇ ପ୍ରିମିୟର ଲିଗ୍ କ୍ରିକେଟ

# ପାତରପାଲି, ଉଲୁଣ୍ଡା ବିଜୟୀ

**ଅମରପାଲି, ୨୭।୫(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କୋଟସମଲାଇଠାରେ ଶ୍ରୀଜଗନ୍ନାଥ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅଷ୍ଟମ କୋଟସମଲାଇ ପ୍ରିମିୟର ଲିଗ୍ (କେପିଏଲ) କ୍ରିକେଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ପୂର୍ବତନ ଜିଲା ପରିଷଦ ସଭ୍ୟ ଉତ୍ତର କୁମାର ପାତ୍ର ମୁଖ୍ୟଅତିଥି ଓ କ୍ରୀଡାବିତ ନଳିନୀକାନ୍ତ ବାଘ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ବୈରାଗୀପାଲି ଓ ପାତରପାଲି ମଧ୍ୟରେ ହୋଇଥିଲା। ବୈରାଗୀପାଲି ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୭୭ ରନ କରିଥିଲା। ଦଳର ହରି ୪୬ରନ କରିଥିବା ବେଳେ ବିପକ୍ଷ ବିଷ୍ଣୁ ୨ଟି ଓ ତାପସ ଗୋଟିଏ ଉଇକେଟ ନେଇଥିଲେ। ଜବାବରେ ପାତରପାଲି ଦଳ ଆବଶ୍ୟକ ୭୮ରନକୁ ୭.୫ଓଭରରେ ୪ ଉଇକେଟ ହରାଇ ବିଜୟୀ ହୋଇଥିଲା। ଦଳର ତାପସ ୨୦ରନ ଓ ବିଷ୍ଣୁ ୧୯ ରନ କରିଥିଲେ। ବୈରାଗୀପାଲିର ଗୌର ୨ଟି ଓ ବିଜୟ ଗୋଟିଏ ଉଇକେଟ ନେଇଥିଲେ। ବିଷ୍ଣୁଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚଭାବେ ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ମ୍ୟାଚ ଉଲୁଣ୍ଡା ଓ ନୂଆଁଗନିଆ ମଧ୍ୟରେ ହୋଇଥିଲା। ନୂଆଁଗନିଆ ପ୍ରଥମେ ବ୍ୟାଟିଂ କରି ୧୦ଓଭରରେ ୯ ଉଇକେଟ ହରାଇ ୬୯ରନ କରିଥିଲା। ଦଳର ମାଧବ ୨୬ ଓ ଅଜିତ ୧୪ ରନ କରିଥିବା ବେଳେ ବିପକ୍ଷ ଉଲୁଣ୍ଡାର ବିକାଶ ଓ ମନୋଜ ୨ଟି ଲେଖାଏଁ ଉଇକେଟ ନେଇଥିଲେ। ଜବାବରେ ଉଲୁଣ୍ଡା ୭ ଓଭରରେ ୨ ଉଇକେଟ ହରାଇ ଆବଶ୍ୟକ ୭୦ ରନ ସଂଗ୍ରହକରି ବିଜୟୀ ହୋଇଥିଲା । ଉଲୁଣ୍ଡା ପକ୍ଷରୁ ଅମର ୩୬ ଓ ମନୋଜ ୨୧ ରନ କରିଥିଲେ। ବିପକ୍ଷ ସୁରଥ ଓ ବନମାଳୀ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଉଲୁଣ୍ଡାର ଅମରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚଭାବେ ପୁରସ୍କୃତ କରାଯାଇଥିଲା । ଖେଳଗୁଡିକୁ ଶେଷାଦ୍ରି ବାରିକ ଓ ନିରାକାର କୁରକୁରିଆ ପରିଚାଳନା କରିଥିବା ବେଳେ ସୁମିତ ଭୁକ୍ତା ସ୍କୋରିଂ ଏବଂ ସୋମନାଥ ପୁରୋହିତ ଓ ପାର୍ଥସାରଥି ଦାସ ଧାରା ବିବରଣୀ ପ୍ରଦାନ କରିଥିଲେ ।



ଅତିଥିମାନେ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରୁଛନ୍ତି ।

### ରମାବାଈ ଆମ୍ବେଦକରଙ୍କ ଜୟନ୍ତୀ ସମାରୋହ

**ବରଗଡ଼ ଅଫିସ୍,୨୭।୫**

ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ଼ ନଂ-୮ ଖଜୁରଟିକ୍ରାସ୍ଥିତ ଡକ୍ଟର ଆମ୍ବେଦକର କ୍ଲବରେ ସୋମବାର ମାତା ରମାବାଈ ଆମ୍ବେଦକରଙ୍କ ମହାପରିନିର୍ବାଣ ଦିବସ ଅନୁଷ୍ଠିତ ହୋଇଥିଲା । ଡକ୍ଟର ଆମ୍ବେଦକର ଯୁବାସଂଘ, ବରଗଡ଼ ଜିଲା ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂଘର ସଭାପତି ଆଡ଼ଭୋକେଟ୍ ସୁରେନ୍ଦ୍ର କୁମାର ତାଣ୍ଡି ଅଧ୍ୟକ୍ଷତା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସମାଜସେବିକା ମଞ୍ଜୁ ବିଭାର ମୁଖ୍ୟଅତିଥି, ପଞ୍ଚା ନାଏକ ମୁଖ୍ୟବକ୍ତା ଏବଂ ସୁବର୍ଣ୍ଣ ମହାନନ୍ଦ ଓ ଆଶୁତୋଷ ଛତର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଂଘର କୋଷାଧ୍ୟକ୍ଷ ବାଳମୁକୁନ୍ଦ ଜଗଦଲ୍ଲା, ସହ ସମ୍ପାଦକ ଅଚ୍ୟୁତ ସର, ଯୁଧିଷ୍ଠିର ବିଭାର, ମନବୋଧ କୁମ୍ଭାର ପ୍ରମୁଖ ସହଯୋଗ କରିଥିଲେ । ରାଜେନ୍ଦ୍ର ମହାନନ୍ଦ, ସୁରେନ୍ଦ୍ର କୁମାର ହରପାଲ, ମୁରଲି ମହାନନ୍ଦ, ମାନସ କନ୍ଧେର, ନାରାୟଣ ଦୀପ, କୁମୋ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ଅଭିମନ୍ୟୁ ଭୋସାଗର ଧନ୍ୟବାଦ ଅର୍ପଣ କରିଥିଲେ ।



" ଗୋଟିଏ ମିଥ୍ୟା କହିବା ପୂର୍ବରୁ ଟିକିଏ ଅଟକି ଯାଅ। ଦେଖିବ ସେହିଭଳି କହିବାକୁ ମନ ହେବନାହିଁ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ଯୁବକଙ୍କ ମୃତଦେହ ଉଦ୍ଧାର, ୭ ଅଟକ

**ଭବାନୀପାଟଣା,୨୭।୫ (ଡି.ଏନ.ଏ.)**- କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ କର୍ଲାପାଟ ଅଭୟାରଣ୍ୟର ନେହେଲା ଗ୍ରାମଠାରେ ଭବାନୀପାଟଣା ସହର ପୁରୁଣାପଡାର ଜଣେ ଯୁବକଙ୍କ ଗଳିତ ମୃତଦେହ ୩ ଦିନ ପରେ ଠାବ ହୋଇଛି। ଯୁବକଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗରେ ପୋଲିସ ୭ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଭବାନୀପାଟଣା ସହର ପୁରୁଣାପଡାର ଦେବେନ୍ଦ୍ର ବେହେରା (୩୦) ତାଙ୍କ ସାଥୀମାନଙ୍କ ସହିତ କର୍ଲାପାଟ ଅଭୟାରାଣ୍ୟର ନେହେଲା ଗ୍ରାମକୁ ଗତ ୨୪ ତାରିଖରେ କାଠ କାଟିବା ପାଇଁ ଯାଇଥିଲେ। ରାତିରେ ଖାଇବା ବେଳେ ସେମାନଙ୍କ ମଧରେ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଭରତ ବିଶ୍ୱାଳ ଓ ତାଙ୍କ ସାଥୀ କାଠ ଫାଳିଆରେ ଦେବେନ୍ଦ୍ରଙ୍କୁ ହତ୍ୟା କରିଥିବା ପୋଲିସ ତଦନ୍ତରୁ ଜଣିପାରିଛି। ସୋମବାର ଏ ନେଇ ଭବବାନୀପାଟଣା ସଦର ଥାନା ପୋଲିସ ଏସଆଇ ସଚିନ୍ଦ୍ର ପ୍ରଧାନ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି। ଭବାନୀପାଟଣା ପୁରୁଣାପଡାର ବିଶ୍ୱାଳ ଓ ଅନ୍ୟ ୬ ଜଣଙ୍କୁ ଥାନାରେ ଅଟକ ରଖାଯାଇ ପଚରାଉଚରା କରାଯାଉଛି।



### କଲେଜ ଅଫିସରୁ କମ୍ପ୍ୟୁଟର, ଫାଇଲ ଚୋରି

**ପଲମ,୨୭।୫ (ଡି.ଏନ.ଏ.)**- କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ମସ୍କୁଟି ପଞ୍ଚାୟତସ୍ଥିତ ମସ୍କୁଟି ମିଳିତ ପଞ୍ଚାୟତ କନିଷ୍ଠ ମହାବିଦ୍ୟାଳୟରେ ଗତ ୨୫ ତାରିଖ ରାତିରେ କମ୍ପ୍ୟୁଟର, ଫାଇଲ ଏବଂ କାଗଜାତପତ୍ର ସହ ଆଉ କେତୋଟି ଜିନିଷ ମଧ ଚୋରି ହୋଇଯାଇଛି । ଦୁଇ ଜଣ ଦୁର୍ବୃତ୍ତ ମୁଖାପିନ୍ଧି କଲେଜ ଭିତରକୁ ପଶିଥିଲେ। ଭିତରକୁ ପଶି ଅଫିସ ଗୃହ ତାଲା କାଟୁଥିବା ବେଳେ ରାତ୍ର ଜଗୁଆଳି ଭୀମ ମାଝି ସେମାନଙ୍କୁ କାହିଁକି ତାଲା କାଟୁଛ ବୋଲି କହିବାରୁ ମୁଖାପିନ୍ଧା ୨ଜଣ ଦୁର୍ବୃତ୍ତ ଜଗୁଆଳିଙ୍କୁ ଚୁପ ରହିବାକୁ କହି ଜୀବନରେ ମାରି ଦେବା ଧମକ ଦେଇଥିଲେ। ସେ ନିରୁପାୟ ଭାବେ ଚୁପ ରହିଥିଲେ । ସେମାନେ କବାଟ ଫାଡି ୧ଟି ସିପିୟୁ,ବ୍ୟାଟେରୀ, ମାଉସ ଏବଂ ଆଲମିରାରେ ଥିବା କିଛି କାଗଜପତ୍ର ନେଇଯାଇଥିଲେ। ଦୁର୍ବୃତ୍ତମାନେ ଚାଲିଯିବା ପରେ ରାତ୍ର ଜଗୁଆଳି ଅଧାପକ ଉପେନ୍ଦ୍ର ଭୋଇ ଓ ସୁଧିର ପଣ୍ଡାଙ୍କୁ ଜଣାଇଥିଲେ। ଖବର ପାଇ ଭୋଇ ଓ ପଣ୍ଡା ତଥା ଅନ୍ୟାନ୍ୟ କର୍ମକର୍ତ୍ତାମାନେ ରବିବାର ସକାଳେ କଲେଜରେ ପହଞ୍ଚିଥିଲେ। ଏହି ସବୁ ଦେଖି ଅଧାପକ ଉପେନ୍ଦ୍ର ଭୋଇ ପଲମ ଫାଣ୍ଡିରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପଲମ ଫାଣ୍ଡି ଏଏସଆଇ ଅସିତ କୁମାର ପଣ୍ଡା ଓ ତାଙ୍କ ସଦଳବଳ ସହ ରବିବାର ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ । ବର୍ତ୍ତମାନ ପୋଲିସ ତଦନ୍ତ ଜାରି ରହିଛି।

କଳାହାଣ୍ଡି ରାଜ୍ୟର ଅନ୍ୟତମ ଉତ୍ତପ୍ତ ଜିଲା ପାଲଟିଛି

# ତାପମାତ୍ରା ୪୨.୬ ଡିଗ୍ରୀ, ଜନଜୀବନ ଅସ୍ତବ୍ୟସ୍ତ

**ଭବାନୀପାଟଣା,୨୭।୫ (ଡି.ଏନ.ଏ.)**





ଚଳିତବର୍ଷ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଦିନକୁ ଦିନ ବୃଦ୍ଧି ପାଉଥିବା ତାପମାତ୍ରା ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। କଳାହାଣ୍ଡି ଜିଲା ଭବାନୀପାଟଣାର ତାପମାତ୍ର ରବିବାର ୪୨.୬ ଡିଗ୍ରୀରୁ ଅଧିକ ରହିଥିବାରୁ ସହର ରାସ୍ତାଘାଟ ପୂର୍ବାହ୍ନ ୧୦ଟାଠାରୁ ଜନଶୂନ୍ୟ ହୋଇପଡୁଥିବା ଦେଖିବାକୁ ମିଳୁଛି। ଫଳରେ ବ୍ୟବସାୟୀମାନଙ୍କ ବେପାର ଏକରକମ ଠପ୍ ହୋଇଯାଇଥିବା କିଛି ବ୍ୟବସାୟୀ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ପ୍ରବଳ ଗ୍ରୀଷ୍ମତାପ ଯୋଗୁ ଜିଲାରେ ଉତ୍ପନ୍ନ ହେଉଥିବା ଆମ୍ବ ପାଚିବା ସମୟ ପୂର୍ବରୁ ସିଝି ଯାଇ ପାଚିଯାଉଛି। ଫଳରେ ଆମ୍ବ ବ୍ୟବସାୟ କରି ବର୍ଷକୁ ଦୁଇ ପଇସା ରୋଜଗାର କରିପାରୁଥିବା ଆମ୍ବ ଚାଷୀମାନେ ନାହିଁ ନ ଥିବା କ୍ଷତିର ସମ୍ମୁଖୀନ ହେଉଛନ୍ତି। ପରିବା ବ୍ୟବସାୟୀଙ୍କ ଅବସ୍ଥା ମଧ ସେହିପରି ଗ୍ରୀଷ୍ମତାପ ଯୋଗୁ ସଜପରିବା ମଧ ଗୋଟିଏ ଓଳିରେ ୩ ଦିନର ବାସି ପରିବା ଭଳି ସିଝି ଶୁଖିଯାଉଛି। ଦୈନନ୍ଦିନ ମଜୁରି ଲାଗି ପରିବାର ପ୍ରତିପୋଷଣ କରୁଥିବା ଶ୍ରମିକମାନେ ଏକରକମ କାମ ନ ଥିବାରୁ ବସିରହିଛନ୍ତି। ତେବେ କିଛି ବାହାର ଜିଲାରୁ ଆସୁଥିବା ଠିକାଦାରମାନେ ସ୍ଥାନୀୟ ଶ୍ରମିକମାନଙ୍କୁ ୪୨.୬ ଡିଗ୍ରୀ ଖରାରେ ମଧ କାମ କରିବାକୁ ବାଧ କରୁଥିବା ଦେଖିବାକୁ ମିଳୁଛି। ସହରରେ ଥିବା ଲସି ଓ ଥଣ୍ଡା ପାନୀୟ ଦୋକାନରେ ଗ୍ରାହକମାନଙ୍କ ଭିଡ ଦେଖିବାକୁ ମିଳୁଛି। ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ସହରରେ ଗ୍ରୀଷ୍ମ ଝାଞ୍ଜି ବହୁଥିବାରୁ ଲୋକମାନେ ବାହାରି ପାରୁନାହାନ୍ତି। ସରକାରୀ କାର୍ଯ୍ୟାଳୟରେ ଅଧିକାରୀ ଓ କର୍ମଚାରୀମାନେ ଥିଲେ ମଧ କାମ ପାଇଁ ଗ୍ରାମାଞ୍ଚଳରୁ କୌଣସି ଲୋକ ସହରକୁ ଆସୁନାହାନ୍ତି। ତାପମାତ୍ରା ୪୨.୬ ଡିଗ୍ରୀରୁ ଉପରେ ରହୁଥିବା ବେଳେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସହିତ ଝାଞ୍ଜି ପବନ ଓ ଗୁଳିଗୁଳିରେ ଜିଲାବାସୀ ହନ୍ତସନ୍ତ ହେଉଛନ୍ତି । ସମସ୍ତ ପ୍ରକାର ଜରୁରୀକାଳୀନ ପରିସ୍ଥିତିକୁ ସମ୍ମୁଖୀନ ହେବା ପାଇଁ ଜିଲା ପ୍ରଶାସନ ପ୍ରସ୍ତୁତ ହୋଇ ରହିଥିବା ଜିଲାପାଳ ଡ. ଗାଭାଲି ପରାଗ ହର୍ଷଦ କହିଛନ୍ତି । ପାଣିପାଗ ବିଭାଗର ସତର୍କ ସୂଚନା ଅନୁଯାୟୀ କଳାହାଣ୍ଡି ସମେତ ଆଭ୍ୟନ୍ତର ଓଡିଶାରେ ତାପମାତ୍ରା ବୃଦ୍ଧି ପାଇଁ ୪୫ ଡିଗ୍ରୀ ଉପରେ ପହଞ୍ଚିବ। ବିଶେଷ କରି ଭବାନୀପାଟଣା ସହରରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ପୌର ପ୍ରଶାସନ ପକ୍ଷରୁ ସହରରେ ଥିବା ଓ ଅକାମି ହୋଇପଡିଥିବା ଅମୃତ ଧାରାଗୁଡିକୁ ତୁରନ୍ତ କାର୍ଯ୍ୟକ୍ଷମ କରାଯାଇଛି। ସହରରେ ବିଭିନ୍ନ ସ୍ଥାନରେ ପଥିକମାନଙ୍କ ନିମନ୍ତେ ଗ୍ରୀଷ୍ମ ଆଶ୍ରୟସ୍ଥଳ ଯୁଦ୍ଧକାଳୀନ ଭିତ୍ତିରେ ତୁରନ୍ତ ଆରମ୍ଭ କରିବା ପାଇଁ ଦାବି ହେଉଛି । ଆଗାମୀ ଦିନରେ ତାପମାତ୍ରା ଆହୁରି ବୃଦ୍ଧି ପାଇବା ଆଶଙ୍କା ଥିବାରୁ ଜିଲା ପ୍ରଶାସନ ଏଥିପ୍ରତି ସଜାଗ ହୋଇ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ସିଟିଜେନ ଫୋରମ ପକ୍ଷରୁ ଫନୀ ପୀଡ଼ିତାଙ୍କୁ ସହାୟତା

**ଭବାନୀପାଟଣା, ୨୭।୫ (ଡି.ଏନ.ଏ.)**

କଳାହାଣ୍ଡି ସିଟିଜେନ ଫୋରମ୍ ପକ୍ଷରୁ ଫନୀ ବାତ୍ୟା ପୀଡିତାଙ୍କ ପାଇଁ ୩୩ ହଜାର ୫୦୦ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ସିଟିଜେନ ଫୋରମ ପକ୍ଷରୁ ସଭାପତି ରାମଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଫନୀ ବାତ୍ୟା ପୀଡିତାଙ୍କ ପାଇଁ ସହାୟତା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହି ବୈଠକରେ ସାଧାରଣ ସମ୍ପାଦକ ଜଗଦୀଶ ପ୍ରସାଦ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସୀମାଞ୍ଚଳ ମିଶ୍ର ଉଦ୍‌ବୋଧନ ଦେଇଥିଲେ। ପରେ ଏ ନେଇ ୩୩ ହଜାର ୫୦୦ ଟଙ୍କାର ଏକ ଚେକ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ କଳାହାଣ୍ଡି ଜିଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି।

## ରାସ୍ତାକଡ଼ରେ ବିପଦସଙ୍କୁଳ ଗର୍ତ୍ତ

**ଜୁନାଗଡ,୨୭।୫ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଚେଗୁଡା ଗ୍ରାମଠାରୁ ଚିଚେଗୁଡା ଛକକୁ ଯାଉଥିବା ରାସ୍ତା ମଧର ଏକ ପୋଲ ଉପରେ ଗତ କିଛିଦିନ ହେଲା ଏକ ଗର୍ତ୍ତ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ଏହା ବିପଦ ସଙ୍କୁଳ ଅବସ୍ଥାରେ ରହିଥିବାରୁ ଯାତାୟତା କରୁଥିବା ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ବିଶେଷକରି ରାତି ସମୟରେ ଯାତାୟାତ କରୁଥିବା ଲୋକମାନେ ଗର୍ତ୍ତ ଥିବା ଜାଣି ନ ପାରି ଦୁର୍ଘଟଣାର ଶିକାର ହେଉଥିବା ନଜିର ରହିଛି। କୌଣସି ଧନଜୀବନ ନଷ୍ଟ ହେବା ଆଗରୁ ଏଥିପ୍ରତି ବ୍ଲକ ପ୍ରଶାସନ ଦୃଷ୍ଟି ଦେଇ ଶୀଘ୍ର ଗର୍ତ୍ତକୁ ମରାମତି କରିବାକୁ ଦାବି ହୋଇଛି। ଏ ନେଇ ଜୁନାଗଡ ବିଡିଓ ଦୁଲାରାମ ମାରାଣ୍ଡିଙ୍କୁ ପଚାରିବାରୁ ଶୀଘ୍ର ଗର୍ତ୍ତଟିକୁ ମରାମତି କରାଯିବ ବୋଲି କହିଥିଲେ।



ଚିଚେଗୁଡା ଛକକୁ ଯାଉଥିବା ରାସ୍ତାରେ ଗର୍ତ୍ତ ହୋଇଛି।

## ଜିଲା କଂଗ୍ରେସ ସଭାପତିଙ୍କ ଇସ୍ତଫା

**ବରଗଡ଼ ଅଫିସ୍/ପାଇକମାଳ,୨୭।୫**

ବରଗଡ଼ ଜିଲା କଂଗ୍ରେସ ସଭାପତି ସତ୍ୟଭୂଷଣ ସାହୁ ନିଜ ପଦରୁ ଇସ୍ତଫା ଦେଇଛନ୍ତି । ଗତ ସାଧାରଣ ନିର୍ବାଚନରେ ଜିଲାରେ ଦଳର ଶୋଚନୀୟ ପରାଜୟ ପାଇଁ ସେ ନିଜକୁ ଦାୟୀ କରିଛନ୍ତି । ସେ ତାଙ୍କ ଇସ୍ତଫାପତ୍ର ପିସିସି ସଭାପତିଙ୍କ ପାଖକୁ ପଠାଇ ଦେଇଥିବା କହିଛନ୍ତି । ଉଲ୍ଲେଖନୀୟ, ବରଗଡ଼ ଜିଲାର ୫ ବିଧାନସଭା ଆସନରୁ କୌଣସିଥିରେ କଂଗ୍ରେସ ବିଜୟ କରିବା ତ ଦୂରର କଥା, ସନ୍ତୋଷଜନକ ଭୋଟ୍ ମଧ୍ୟ ପାଇ ପାରି ନ ଥିଲା । ଏପରିକି ନିଜେ ଜିଲା କଂଗ୍ରେସ ସଭାପତି ସାହୁ ପଦ୍ମପୁର ଆସନରୁ ହାରିବା ସହିତ ତୃତୀୟ ସ୍ଥାନରେ ରହିଥିଲେ ।

## ୱିପ୍ରୋ ଟେକ୍ନୋଲୋଜିର ନିଯୁକ୍ତି ଶିବିର

**ଭବାନୀପାଟଣା,୨୭।୫ (ଡି.ଏନ.ଏ.)**

ଭବାନୀପାଟଣା ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟସ୍ ପରିସରରେ ସୋମବାର ୱିପ୍ରୋ ଟେକ୍‌ନୋଲୋଜିର ସର୍ବ ପ୍ରଥମ ନିଯୁକ୍ତି ଶିବିର କଳାହାଣ୍ଡି ଜିଲାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ୱିପ୍ରୋ ଟେକ୍‌ନୋଲୋଜିର ଏଚ୍.ଆର୍.ମ୍ୟାନେଜର ଅନୁରାଗ କିତ୍ତି ଯୋଗଦେଇଥିଲେ। ଯେଉଁଥିରେ କଳାହଣ୍ଡି ଜିଲା ସମେତ ପଶ୍ଚିମ ଓଡିଶାର ବିଭିନ୍ନ ଜିଲାର ସମୁଦାୟ ୧୨ଟି କଲେଜରୁ ପ୍ରାର୍ଥିମାନେ ଅଂଶ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ମୋଟ ୧୩ ଜଣ ଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟସ୍‌ର ପରିଚାଳନା ମଣ୍ଡଳୀ ସଦସ୍ୟ ଡି.ଶ୍ୟାମ ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟସ୍‌ର ଯୁକ୍ତ ତିନି ମହାବିଦ୍ୟାଳୟ ନିର୍ଦ୍ଦେଶକ ଡି.ରାମ କୁମାର, ବିକାଶ ଆବାସିକ ବିଦ୍ୟାଳୟ ନିର୍ଦ୍ଦେଶକ ଡି. ବିଜୟ, ବିକାଶ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍‌ର ପ୍ଲେସ୍‌ମେଣ୍ଟ ଅଧିକାରୀ ଆର.ଏସ୍. ଭି କ୍ରିଷ୍ଣା, ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟସ୍ ସୂଚନା ପ୍ରମୁକ୍ତି ଓ ପରିଚାଳନା ବିଭାଗ ଗୋପାଳ ଚନ୍ଦ୍ର ସାବତ, ବିକାଶ ଯୁକ୍ତ ୨ ମହାବିଦ୍ୟାଳୟ ଅଧକ୍ଷ ଯୁବରାଜ ନାୟକ, ବିକାଶ ଯୁକ୍ତ ୩ ମହାବିଦ୍ୟାଳୟ ଆଲୋକ ରଞ୍ଜନ ସାହୁ ଓ କଲେଜ ଅଧାପକ ଓ ଅଧପିକାମାନେ ସହଯୋଗ କରିଥିଲେ।

ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍‌ସ




ନିଯୁକ୍ତି ଶିବିରରେ ଯୋଗଦେଇଥିବା ଛାତ୍ରୀଛାତ୍ରଙ୍କ ସହ ଅତିଥିବୃନ୍ଦ ।

ବିଜୟ୍ ଆଶା ରଖିଥିବା ପ୍ରାର୍ଥୀଙ୍କ ପାଇଁ କାଳ ସାଜିଲା ନୋଟା

# ନୋଟାରେ ପଡ଼ିଲା ୩୪,୭୦୮ ଭୋଟ

**ଭବାନୀପାଟଣା,୨୭।୫ (ଡି.ଏନ.ଏ.)**

ସମସ୍ତଙ୍କୁ ଚକିତ କରିଦେଇଛି କଳାହାଣ୍ଡି ଲୋକ ସଭା ନିର୍ବାଚନ। ଏଠାରେ ବିଜେଡି ଗଡ ଭାଙ୍ଗି ଭାଜପା ବିଜୟ ହୋଇଛି । ନିଜ ନିର୍ବାଚନମଣ୍ଡଳୀ, ନିଜ ଜିଲା ଓ ନିଜ ଲୋକ ସଭାର ୬ ଆସନରେ ଭାଜପାକୁ ଜିତାଇ ପାରି ନ ଥିଲେ ମଧ ନିଜେ ଲୋକ ସଭା ନିର୍ବାଚନ ଜିତିଯାଇଛନ୍ତି ରାଜ୍ୟ ଭାଜପା ସଭାପତି ବବସନ୍ତ ପଣ୍ଡା । ଅନ୍ୟପଟେ କଂଗ୍ରେସର ଗୋଷ୍ଠୀ କନ୍ଦଳ ଓ ଅର୍ଥ ଅଭାବ ସହିତ ଏସସି ଓ ଏସଟି ଭୋଟ ହାତେଇବାରେ ବିଫଳ ହେବା ଦଳୀୟ ପ୍ରାର୍ଥୀଙ୍କ ପାଇଁ ପରାଜୟ କାରଣ ସାଜିଛି। ସେହିପରି କଳାହାଣ୍ଡି ଲୋକ ସଭାର ୭ଟି ବିଧାନସଭାରୁ ୫ଟିରେ ବିଜେଡି ପ୍ରାର୍ଥୀ ତାଙ୍କ ମୁଖ୍ୟ ପ୍ରତିଦ୍ୱନ୍ଦୀଙ୍କଠାରୁ ସ୍ୱଳ୍ପ ଭୋଟରେ ବିଜୟ ଲାଭ କରିଥିଲେ ମଧ ଲୋକ ସଭାରେ ବିଜେଡି ପ୍ରାର୍ଥୀ ପୁଷ୍ପେନ୍ଦ୍ର ସିଂଦେଓଙ୍କୁ ପରାଜୟ ସ୍ୱୀକାର କରିବାକୁ ପଡିଛି। ଚଳିତବର୍ଷ ନୋଟାରେ ୩୪ ହଜାର ୭୦୮ ଖଣ୍ଡ ଭୋଟ ପଡିଥିବା ଜଣାପଡିଛି। ଏଥିରୁ ଲୋକ ସଭା ପାଇଁ ୨୧ ହଜାର ୧୯୯ ଖଣ୍ଡ ଥିବା ବେଳେ ୭ ବିଧାନ ସଭା ଆସନରେ ୧୩ ହଜାର ୮୦୯ ଖଣ୍ଡ ଭୋଟ ପଡିଛି। ଫଳରେ ବିଜୟର ଆଶା ରଖିଥିବା ପ୍ରାର୍ଥୀମାନଙ୍କ ପାଇଁ ଏହି ନୋଟା ବଟନ୍ ଏକ ପ୍ରତିବନ୍ଧକ ସଦୃଶ ଥିବା ବୋଲି କୁହାଯାଉଛି। କଳାହାଣ୍ଡି ଲୋକ ସଭା ନିର୍ବାଚନ ମଣ୍ଡଳୀରେ ଭାଜପାର ବସନ୍ତ କୁମାର ପଣ୍ଡା ୪୩୩୦୭୪ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ତାଙ୍କ ମୁଖ୍ୟ ପ୍ରତିଦ୍ୱନ୍ଦୀ ବିଜେଡିର ପୁଷ୍ପେନ୍ଦ୍ର ସିଂଦେଓ ୪୦୬୨୬୦ ଭୋଟ ପାଇ ୨ୟ ସ୍ଥାନରେ ଓ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଚରଣ ଦାସ ୩ୟ ସ୍ଥାନରେ ରହିଛନ୍ତି। ସେହିପରି ବହୁଜନ ମୁକ୍ତି ପାର୍ଟିର କମଳିଣି ଯାଦବ ୧୫୮୬୪ ଭୋଟ ପାଇ ଥିବା ବେଳେ ଏପିଆଇର ଛବିଲାଲ ନିଆଲ ୧୨୪୦୯ ଭୋଟ, ସ୍ୱାଧୀନର ହାତୀରାମ ଦୁର୍ଗା ୯୮୩୬ ଭୋଟ ପାଇଛନ୍ତି। ନୋଟାରେ ୨୧୧୯୯ ଖଣ୍ଡ ଭୋଟ ଯାଇଛି। ମୋଟ ୧୨୨୮୨୯୨ ଭୋଟର ମତଦାନ କରିଥିଲେ।

## ବିଦ୍ୟୁତ୍ କାଟରେ ଜନଜୀବନ ଅସ୍ତବ୍ୟସ୍ତ

**କେଗାଁ/ଭବାନୀପାଟଣା, ୨୭।୫ (ଡି.ଏନ.ଏ./ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକରେ ବାରମ୍ବାର ବିଦ୍ୟୁତ୍‌କାଟ ଲୋକଙ୍କୁ ଅସ୍ତବ୍ୟସ୍ତ କରି ଦେଉଛି । ସାମନ୍ୟ ପବନ ହେଲେ ବିଭିନ୍ନ ଆଳ ଦେଖାଇ ବିଦ୍ୟୁତ୍ କଟା ଯାଉଛି । ଏପରିକି ଦିନରେ ୪ ରୁ ୫ ଘଣ୍ଟା ବିଦ୍ୟୁତ୍ ମଧ ଆସେ ନାହିଁ। ରାତିରେ ପବନ ହେଲେ ବିଦ୍ୟୁତ୍ ଆସିବାକୁ ୭ ରୁ ୮ ଘଣ୍ଟା ଲାଗି ଥାଏ । ସୂଚନାଯୋଗ୍ୟ ଯେ, ଗୋଲାମୁଣ୍ଡା ବ୍ଲକରେ ୨ଟି ବିଦ୍ୟୁତ୍ ସବଷ୍ଟେଶନ ରହିଛି । ଏହା ଗୋଲାମୁଣ୍ଡା ଓ କେଗାଁରେ ରହିଛି। ଗୋଲାମୁଣ୍ଡା ସବଷ୍ଟେଶନରେ ଲାଇନ ଥିଲେ ମଧ କେଗାଁ ସବଷ୍ଟେଶନକୁ ଜାଣିଶୁଣି ଘଣ୍ଟା ଘଣ୍ଟା ମରାମତି ନାମରେ ବିଦ୍ୟୁତ୍‌କାଟ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଏପରିକି କେଗାଁ ସବଷ୍ଟେଶନ ଅଧୀନରେ ଥିବା ନୂଆଗାଁ, ଚହକା, ଉଛୁଳା, ବଡଚେରଗାଁ ଅଞ୍ଚଳରେ ଶତାଧିକ ବିଦ୍ୟୁତ ଉପଭୋକ୍ତା ମାସକୁ ୧୫ ଦିନ ବିଦ୍ୟୁତ୍ ସେବା ବହୁତ ମୁସ୍କିଲରେ ମିଳୁଥିବା ଅଭିଯୋଗ କରିଛନ୍ତି । ବିଦ୍ୟୁତ୍ କାଟ ବେଳେ ବିଭାଗୀୟ ଯନ୍ତ୍ରୀଙ୍କୁ ଯୋଗାଯୋଗ କଲେ ସେ ତାଙ୍କ ମୋବାଇଲକୁ ବନ୍ଦ ରଖୁଥିବା ବେଳେ ବିଭାଗୀୟ ସହକାରୀ ଯନ୍ତ୍ରୀଙ୍କୁ ଯୋଗାଯୋଗ କଲେ ତାଙ୍କଠାରୁ କୌଣସି ସନ୍ତୋଷଜନକ ଉତ୍ତର ମିଳୁନାହିଁ। ଗୋଲାମୁଣ୍ଡା ବ୍ଲକର ବିଦ୍ୟୁତ୍ ସମସ୍ୟା ପାଇଁ ବିଭାଗୀ ଉଚ୍ଚଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହେଉଛି ।

## ଜରାଜୀର୍ଣ୍ଣ ପାଲଟିଛି ଯାତ୍ରୀ ବିଶ୍ରାମାଗାର

**ଭବାନୀପାଟଣା,୨୭।୫ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ମୁଖିଗୁଡାରେ ନିର୍ମାଣ କରାଯାଇଥିବା ଯାତ୍ରୀ ବିଶ୍ରାମଗାର ଏବେ ଜରାଜୀର୍ଣ୍ଣ ପାଲଟିଥିବା ଅଭିଯୋଗ ହୋଇଛି। ଏହି ଯାତ୍ରୀ ବିଶ୍ରମାଗାର ମୁଖିଗୁଡା ପ୍ରବେଶ ପଥର ବାମ ପାର୍ଶ୍ୱରେ ଦୟନୀୟ ଅବସ୍ଥାରେ ପଡି ରହି କୌଣସି କାର୍ଯ୍ୟରେ ଲାଗୁ ନ ଥିବା ବେଳେ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀଙ୍କ ମାନବିକତାର ପରିଚୟକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛି। ବିଭିନ୍ନ ଗଣମାଧମରେ ଖବର ପ୍ରକାଶିତ ହୋଇଥିଲେ ମଧ ବିଭାଗ ଅଣଦେଖା କରି ଆସୁଛି। ସେହିପରି ଜୟପାଟଣା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପଛ ପାଖରେ ଜିଲା ପରିଷଦ ଅନୁଦାନରେ ଲକ୍ଷାଧିକ ଯାତ୍ରୀ ବିଶ୍ରାମଗାର ନିର୍ମାଣ ହୋଇଥିଲେ ହେଁ ଏହାର ରକ୍ଷଣାବେକ୍ଷଣ ଏବଂ ପରିଚାଳନା ଅଭାବରୁ ଏବେ ଅସାମାଜିକଙ୍କ ଆଡ୍ଡାସ୍ଥଳି ପାଲଟିବା ସହ ଏହାର ସ୍ଥାୟିତ୍ୱ ନେଇ ଆଶଙ୍କା ସୃଷ୍ଟି ହୋଇଛି। ଏହି ବିଶ୍ରାମ ଗୃହ ନିର୍ମାଣକୁ ନେଇ ଆବଶ୍ୟକ ତଥ୍ୟ ସମ୍ପୃକ୍ତ ବିଭାଗରେ ନ ଥିବା ଏବଂ କାହାଦ୍ୱାରା ନିର୍ମାଣ ହୋଇଥିଲା ସେ ବିଷୟ ଅନ୍ଧକାର ମଧରେ ରହିଯାଇଛି। ବର୍ତ୍ତମାନ ଅଞ୍ଚଳର ସମସ୍ତ ଗ୍ରାମଗୁଡିକୁ ପ୍ରଧାନମନ୍ତ୍ରୀ ସଡକ ସଂଯୋଗ ହୋଇ ଆସିଥିବା ଏବଂ ଜୟପାଟଣାରେ ବ୍ଲକ୍, ଥାନା, ଡାକଘର, ସ୍ୱାସ୍ଥ୍ୟକେନ୍ଦ୍ର, ସ୍କୁଲ୍ କଲେଜ, ତହସିଲ, ଅବକାରୀ କାର୍ଯ୍ୟାଳୟ ତଥା ଜେଏମ୍‌ଏଫ୍‌ସି ଅଦାଲତ ଭଳି ସରକାରୀ କାର୍ଯ୍ୟାଳୟ ସହ ବ୍ୟବସାୟିକ ପେଣ୍ଠସ୍ଥଳି ସାଜିଥିବା ଯୋଗୁ ଦୈନନ୍ଦିନ ଶହ ଶହ ସଂଖ୍ୟାରେ ଯାନବାହନ ଚଳାଚଳ ହେଉଛି। ଲୋକେ ପ୍ରତୀକ୍ଷାରେ ରାସ୍ତାକଡ, ଦୋକାନ ବରଣ୍ଡା, ଛକ ଜାଗାରେ ଖରା, ବର୍ଷା ଓ ଶିତରେ ଦୟନୀୟ ଅବସ୍ଥା ଭୋଗ କରୁଥିବାବେଳେ ଅନେକ ସମୟରେ ଅପ୍ରିତିକର ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷରେ ବସ୍‌ଗୁଡିକ ରାସ୍ତା ଉପରେ ରହୁଥିବା ଯୋଗୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇପଡିଛି। ଟ୍ରାଫିକ୍ ସମସ୍ୟା ଏବଂ ଜନସାଧାରଣଙ୍କ ସୁରକ୍ଷାକୁ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଜୟପାଟଣା ଏବଂ ମୁଖିଗୁଡାରେ ଦୁଇଟି ଯାତ୍ରୀ ବିଶ୍ରମାଗାରର ପୁନରୁଦ୍ଧାର ପାଇଁ ପଦକ୍ଷେପ ନେବାକୁ ଜିଲାପାଳଠାରେ ସଚେତନ ନାଗରିକଙ୍କ ତରଫରୁ ଦୃଢ ଦାବି ଦେଉଛି ।



ଜରାଜୀର୍ଣ୍ଣ ହୋଇପଡ଼ିଥିବା ଯାତ୍ରୀ ବିଶ୍ରାମାଗାର।

## ବିପଦ୍ ଅବସ୍ତାରେ ବାଲସି ସ୍ୱାସ୍ଥ୍ୟସେବା କେନ୍ଦ୍ର

**କେସିଙ୍ଗା, ୨୭।୫ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ପାଷ୍ଟିକୁଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଥିବାର ବାଲସି ସ୍ୱାସ୍ଥ୍ୟସେବା କେନ୍ଦ୍ର ବହୁତ ବଛର ହେଲା ବିପଦ ଅବସ୍ତାରେ ପଡ଼ିରହିଛେ। ସୂଚନା ଅନ୍‌ସାରେ ଇ ସ୍ୱାସ୍ଥ୍ୟସେବା କେନ୍ଦ୍ରରର ଥାପନା ୧୯୮୫ ସାଲେ ହେଇଥିଲା। ସ୍ୱାସ୍ଥ୍ୟସେବା କେନ୍ଦ୍ରରେ ବାଲସି ପଁଚେତ୍‌ରେ ନିଯୁକ୍ତି ପାଇଥିବାର ସ୍ୱାସ୍ଥ୍ୟ ସେବିକା ରହିବାର ବେବସ୍ତା ଅଛେ। ହେଲେ ଆଏଜକେ ୩୪ ବଛର ତଲେ ତିଆର ହେଇଥିବାର ଇ ସ୍ୱାସ୍ଥ୍ୟସେବା କେନ୍ଦ୍ର ବିପଦ ଅବସ୍ତାରେ ପଡ଼ିରହିଛେ। ସ୍ୱାସ୍ଥ୍ୟ କେନ୍ଦ୍ରର ଥାପନା ଦିନୁ ବାଡ଼ା ତିଆର ନାଇଁ ହେଇ। ଇଠାନେ ଥିବାର ଶୌଚାଳୟ, ସ୍ୱାସ୍ଥ୍ୟସେବା କେନ୍ଦ୍ର, ରଁଧାଘର, ଗାଧୁଆଘର, ଅଫିସ ଘରର କବାଟ ଝରକା ପୁଖରା ହେଇ ଭାଂଗିରୁଜି ଗଲାନ। କେନ୍ଦ୍ରର ସବୁ କୁଠାର ଛାତ୍‌ରୁ ସିମେଟ ଛାଡ଼ି ଲୁହାଛଡ଼୍‌ମାନ୍ ଫଟିକ୍ ଦିଶୁଛେ। କେତେବେଳେ କେନ୍ କୁଠାର ଛାତ୍ ଗଲିପଡ଼ବା କିଛି କହି ନାଇଁହୁଏ। ଏନ୍‌ତାଥି ବି କେନ୍ଦ୍ରର ଝନେ ସ୍ୱାସ୍ଥ୍ୟ ସେବିକା ନିଜର ଜୀବନ୍‌କେ ପାଏନ୍ ଛଡ଼େଇ କୁଠାଥି ରହିଆସୁଛନ୍। ଇ ବାବ୍‌ଦେ ସ୍ୱାସ୍ଥ୍ୟ ସେବିକା କଳାହାଣ୍ଡି ଜିଲା ମୁଖିଆ ଚିକିସ୍ୱା ଅଧିକାରୀ ଆର ମେଡିକାଲ ଅଫିସର ପାଷ୍ଟିକୁଡ଼ିଙ୍କୁଁ ଲେଖିକରି ଦେଇଛନ୍। ବିଭାଗ୍ ତରଫୁ ଇ ସେବାକେନ୍ଦ୍ରକେ ଡେମେଜ ଘୋଷନା କରାଯାଇଛେ। ଭିନେ ଭିନେ ସମିଆରେ ସ୍ୱାସ୍ଥ୍ୟ କେନ୍ଦ୍ରର ମରାମତି ବି କରାଯାଇଛେ। ଗଲା ୨୦୧୭-୧୮ ଆରଥିକ୍ ବଛରରେ ସ୍ୱାସ୍ଥ୍ୟକେନ୍ଦ୍ରର ମରାମତି ଆର ବାଡ଼ା ତିଆରି ଲାଗି ବାଲସି ପଁଚେତ୍‌କେ ୧ଲାଖ୍ ୮୦ ହଜାର ଟଁକା ବିଭାଗ ତରଫୁ ଦିଆଯାଇଥିଲା। ହେଲେ ଟଁକା ମଂଜୁର ହେବାର ଆଏଜ୍‌କେ ଦୁଇ ବଛର ବିତିଯାଇଥିଲେ ବି ପଁଚେତ୍ ତରଫୁ ସ୍ୱାସ୍ଥ୍ୟ କେନ୍ଦ୍ରର ମରାମତି ନାଇଁ କରାଯାଇ। ଏନ୍‌ତାଥି ସ୍ୱାସ୍ଥ୍ୟସେବା କେନ୍ଦ୍ରରେ ସ୍ୱାସ୍ଥ୍ୟ ସେବିକା ଝନକ ନିଜର ପରିବାର ସମେତ ଭଏଭିତ ଅବସ୍ତାରେ ରହୁଛନ୍। ଇ ବାବ୍‌ଦେ ଜିଲା ଚିକିସ୍ୱା ଅଧିକାରୀଙ୍କୁଁ ପଚରାଲାରୁ ସେ କୁଠା ଡେମେଜ ହେଇଗଲାନ। ନୂତନ କୁଠା ତିଆର କରାଯିବା, ମୁଇଁ ଇ ଘଟନାର ତଦଁତ୍ କରମି ବଲି ସେ କହିଥିଲେ। ସେନ୍‌ତା ଇ ବାବ୍‌ଦେ ବାଲସି ପଁଚେତ୍‌ର ପିଇଓ ଆନନ୍ଦ ମହାନନ୍ଦଙ୍କୁଁ ପଚରାଲାରୁ ସାଧାରନ ନିରବାଚନ ଲାଗି ବାଡ଼ା ଆର ଘର ତିଆରି କାମ୍ ନାଇଁ ହେଇପାରି ବଲି ସେ କହିଥିଲେ।






ବିପଦ ଅବସ୍ତାରେ ଥିବା ବାଲସି ସ୍ୱାସ୍ଥ୍ୟସେବା କେନ୍ଦ୍ର।



ଧନ ସଂଗ୍ରହ କରିବାର ପ୍ରତିଯୋଗିତା ଜୀବନର ଧର୍ମ ହେବା ଉଚିତ
ନୁହେଁ। ସମସ୍ତଙ୍କ ମଙ୍ଗଳ ପାଇଁ ସହଯୋଗ ହେଉଛି ଜୀବନର ଧର୍ମ।
- ଜବାହରଲାଲ ନେହେରୁ



## ସଂକ୍ଷେପରେ

### ଜେରକ୍ସ ଦୋକାନରୁ ଚୋରି

**ଲୋଇସିଂହା,୨୭।୫(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହାରେ ଚୋରମାନେ ପୁଣି ସକ୍ରିୟ ହୋଇ ଉଠିଛନ୍ତି। ବ୍ଲକ ଛକସ୍ଥିତ ଏକ ଜେରକ୍ସ ଦୋକାନର ଆଜବେଷ୍ଟସ ଭାଙ୍ଗି ଦୁର୍ବୃତ୍ତ ନଗଦ ୪ ହଜାର ଟଙ୍କା ଓ କେତେକ ସାମଗ୍ରୀ ଚୋରି କରିନେଇଥିବା ଅଭିଯୋଗ ହୋଇଛି। ଚୋରି କରିବା ପରେ ଦୋକାନ ସାମଗ୍ରୀକୁ ଫିଙ୍ଗାଫୋପଡା କରି ଭଙ୍ଗାରୁଜା କରିଥିବା ଦେଖିବାକୁ ମିଳିଛି। ଏନେଇ ସୋମବାର ଦୋକାନ ମାଲିକ ବୀରେନ୍ଦ୍ର ପ୍ରଧାନ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛି। ସୋମବାର ସକାଳେ ସବୁଦିନ ପରି ଦୋକାନ ଖୋଲିବା ପରେ ଚୋରି ହୋଇଥିବା ବୀରେନ୍ଦ୍ରଙ୍କ ବଡଭାଇ ଅନିରୁଦ୍ଧ ଜାଣିବାକୁ ପାଇଥିଲେ।

### ବୁର୍ଡା ୫୬ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

**ଲୋଇସିଂହା,୨୭।୫(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ବୁର୍ଡା ଗୌନ୍ତିଆ ପଡାରେ ସପ୍ତାହ ବ୍ୟାପୀ ଚାଲିଥିବା ୫୬ ପ୍ରହର ନାମଯଜ୍ଞ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଗତ ୧୯ ତାରିଖ ସନ୍ଧ୍ୟାରେ ଶତାଧିକ ମହିଳା କଳସ ଶୋଭାଯାତ୍ର କରି ଯଜ୍ଞସ୍ଥଳରେ ପୂର୍ଣ୍ଣକଳସ ଜଳ ସ୍ଥାପନ କରାଯାଇଥିଲା। ୨୦ରୁ ୨୭ ତାରିଖ ପର୍ଯ୍ୟନ୍ତ ବିଶ୍ୱଶାନ୍ତି ପାଇଁ ନାମଯଜ୍ଞ ଚାଲିଥିଲା। ବିରଞ୍ଚି ମିଶ୍ର ପୂଜାର୍ଚ୍ଚନା କରିଥିବାବେଳେ ତରଣୀ ସାହୁ, ଭାଗିରଥୀ ସାହୁ, ଗଦାଧର ଦାନୀଙ୍କ ସମେତ ଅନେକ ଯୋଡା ଦମ୍ପତି କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଏଠାରେ ବିଭିନ୍ନ ଅଞ୍ଚଳର ୬୦ରୁ ଅଧିକ ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ। ସଦାନନ୍ଦ ବାରି, ମହାଦେବ ମହାକୁର, ଶେଷଦେବ ଦାନୀ, ଓମ ପ୍ରକାଶସାହୁ, ଗୋପଳ ସାହୁ, ନାଡିଆ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ପରିସ୍ରାଗାର ନିର୍ମାଣ ଦାବି

**ବିନିକା,୨୭।୫ (ଡି.ଏନ୍.ଏ.):** ସୋନପୁର ସଦର ବ୍ଲକ ଲଛିପୁର ବସ୍‌ଷ୍ଟାଣ୍ଡରେ ପରିଶ୍ରାଗାର ନାହିଁ ଏଥିଯୋଗୁ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ମହିଳା ଯାତ୍ରୀମାନେ ଅଧିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥି ସହିତ ବସ୍‌ଷ୍ଟାଣ୍ଡକୁ ଆସୁଥିବା ଯାତ୍ରୀମାନେ ବିଶ୍ରାମଗାର ନଥିବାରୁ ବାଧ ହୋଇ ଦୋକାନମାନଙ୍କରେ ଆଶ୍ରୟ ନେଇଥାନ୍ତି। ସିଆଲି, ନକ୍‌ଟାମୁଣ୍ଡା, ବାବୁପାଲି, ଭୁର୍ଷାପାଲି, ଡବଲଙ୍ଗ, ମଟିଆପାଲି, ଲୁପୁରସିଂହାରୁ ପ୍ରତ୍ୟହ ଶହଶହ ଯାତ୍ରୀ ସେମାନଙ୍କ ଗନ୍ତବ୍ୟସ୍ଥଳକୁ ଯିବା ଆସିବା କରିବା ପାଇଁ ଏଡି ବସ୍‌ଷ୍ଟାଣ୍ଡକୁ ଆସିଥାନ୍ତି। ଏଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଲଛିପୁର ବସ୍‌ଷ୍ଟାଣ୍ଡରେ ବିଶ୍ରାମାଗାର ଓ ପରିଶ୍ରାଗାର ନିର୍ମାଣ କରିବାକୁ ଦାବି ହେଉଛି।

### ଗୀତା ପଠନ କାର୍ଯ୍ୟକ୍ରମ

**ବିନିକା,୨୭।୫(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ପୂର୍ଣ୍ଣମାସୀ ମନ୍ଦିର ପ୍ରାଙ୍ଗଣରେ ଗୀତା ପଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋପାଲ ପୂଜାରୀଙ୍କ ପରିଚାଳନାରେ ଅନୁଷ୍ଠିତ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରମେଶ୍ୱର ଥନାପତି ଗୀତା ପଠନ କରିଥିଲେ। ଅନୁଷ୍ଠାନର ସଭାପତି ଆର୍ତ୍ତତ୍ରାଣ ହୋତା, ସମ୍ପାଦକ ରାମକୃଷ୍ଣ ବାରିକ, ସନ୍ତୋଷିନୀ ଥନାପତି, ସୁନୀତା ଥନାପତି, ପାର୍ବତୀ ଥନାପତି, ଆନନ୍ଦିନୀ ଥନାପତି, ନିର୍ବାସିନୀ ଥନାପତି, ତ୍ରିଲୋଚନ ବାରିକ, ରବିନ୍ଦ୍ର ବାଗ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

ଭାଙ୍ଗିପଡ଼ିଛି କେନାଲ ସ୍ଲାବ୍

# ୨ବର୍ଷ ପରେ ବି ମରାମତି ହେଉନି

**ବଲାଙ୍ଗୀର ଅଫିସ, ୨୭।୫**

ବଲାଙ୍ଗୀର ସହରସ୍ଥିତ ମହାରାଣୀସାଗରର ବଳକା ପାଣି ନିର୍ଗମନ କେନାଲ ଉପର ସ୍ଲାବ୍ ଗତ ଦୁଇବର୍ଷ ହେଲା ଭାଙ୍ଗି ଯାଇଛି। ଧୋବାପଡା ବାସୀ ଏଠାରେ ଏକ ପୋଲ ନିର୍ମାଣ କରିବାକୁ ବିଭିନ୍ନ ସମୟରେ ଦାବି କରି ଆସୁଛନ୍ତି। ମ୍ୟୁନିସିପାଲିଟି ଅଫିସକୁ ଯାଇ ସେମାନେ ଏ ନେଇ ଫେରାଦ ହେଲେ ସୁଦ୍ଧା ପ୍ରତିଶ୍ରୁତି ଛଡା ଆଉ କିଛି ମିଳିନାହିଁ। ଏଠାରେ ପୋଲ ନଥିବାରୁ ଏହି ରାସ୍ତାରେ ଗତ ଦୁଇବର୍ଷ ହେଲା ଲୋକେ ଯିବାଆସିବା କରିବା ବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଚାଲିକରି ଯାଉଥିବା ଲୋକେ କେନାଲ ଡେଇଁଲା ବେଳେ ଅନେକ ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି। ପୋଲ କିମ୍ବା ମୋଟା ସିମେଣ୍ଟ ସ୍ଲାବ୍ ନଥିବାରୁ ଏହି ରାସ୍ତା ଦେଇ ଦୁଇଚକିଆ ଯାନବାହନ ଯାଇଆସି ପାରୁନାହିଁ। ଫଳରେ ଲୋକେ ଅନ୍ୟବାଟ ହେଇ ଯିବା ଆସିବା କରୁଛନ୍ତି।



ବଲାଙ୍ଗୀର ସହର ସାଗରପଡା-ଧୋବାପଡା ଗଳିରାସ୍ତା କେନାଲ ଉପରେ ପୋଲ ନଥିବାରୁ ଯାତାୟାତ ବ୍ୟାହତ ହୋଇପଡିଛି।

ମହାରାଣୀସାଗରରୁ ବଳକା ପାଣି ଯିବା ପାଇଁ ସାଗରପଡା-ଧୋବାପଡା ପଟକୁ ଏକ କେନାଲ ରହିଛି। ଏହି କେନାଲ ମହାରାଣୀସାଗର ନିର୍ମାଣ ହେବା ଦିନରୁ ଥିଲେ ମଧ୍ୟ ଏବେ ଏଠାରେ ବ୍ୟାପକ ଜବରଦଖଲ ଯୋଗୁ ସଉା ହଜିବାକୁ ବସିଛି। ଏହି ବଳକା ପାଣି ନିର୍ଗମନ କେନାଲ ଉଭୟ କଡରେ ଲୋକେ ବସବାସ କରୁଛନ୍ତି। ଯେଉଁ ସ୍ଥାନରେ ଲୋକଙ୍କ ଘର ରହିଛି ସେଠାରେ ସିମେଣ୍ଟ ସ୍ଲାବ୍ ପକାଯାଇ ଲୋକେ ଘରକୁ ଯିବା ଆସିବା କରୁଛନ୍ତି। ଏହି ଧୋବାପଡା ଗଳିରୁ ସାଗରପଡାର ଅନ୍ୟ ଏକ ଗଳିକୁ

- ପୋଲ ନିର୍ମାଣ ଦାବିକୁ ଅଣଦେଖା
- ପୌର କର୍ତ୍ତୃପକ୍ଷ ନୀରବଦ୍ରଷ୍ଟା
- ଯାତାୟାତ ପାଇଁ ଲୋକେ ହଇରାଣ

ସଂଯୋଗ କରୁଥିବା ରାସ୍ତାଟି ଏହି କେନାଲ ଡେଇଁ କରି ଯାଇଛି। ତେବେ ପୂର୍ବରୁ ଏହି ରାସ୍ତା ସଂଯୋଗସ୍ଥଳରେ ଉକ୍ତ କେନାଲ ଉପରେ ପକାଯାଇଥିବା ସ୍ଲାବ୍ ଦୁର୍ବଳ ହୋଇପଡି ଭାଙ୍ଗିଯାଇଛି। ମୁହଁ ପୋତି ଦିଆଯାଇଥିବାରୁ ମହାରାଣୀ ସାଗରର ବଳକା ପାଣି ଆଉ ଏହି କେନାଲ ଦେଇ ବାହାରୁନାହିଁ। ଏହାଛଡା ଏହି ରାସ୍ତାରେ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ପୋଲ ବା ସ୍ଲାବ୍ ନ ପକାଇ ରାସ୍ତା ମଝିରେ ଆବର୍ଜନା ପକାଇ ରଖିଥିବାରୁ ଲୋକେ ଯିବା ଆସିବା କରିପାରୁନାହାନ୍ତି। ଏନେଇ ମ୍ୟୁନିସିପାଲିଟି ଅଧିକାରୀ ବିପିନ ବିହାରୀ ଦୀପଙ୍କୁ ପଚରାଯିବାରୁ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବେ ବୋଲି କହିଛନ୍ତି।

# ବିବାହ ପ୍ରଲୋଭନ ଦେଖାଇ ପ୍ରତାରଣା

**ଗୁଡ଼ଭେଲା, ୨୭।୫(ଡି.ଏନ.ଏ.)**

ବିବାହ ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖି ଗର୍ଭବତୀ କଲେ। ବିବାହ ପାଇଁ ଜିଦ୍ କରିବାରୁ ଜୋରଜବରଦସ୍ତ ଗର୍ଭ ନଷ୍ଟ କରି ୫୦ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ନେଇ ପ୍ରତାରକ ଯୁବକ ଫେରାର ହୋଇଯାଇଥିବା ବଲାଙ୍ଗୀର ଜିଲା ତୁଷୁରା ଥାନାରେ ସୋମବାର ଅଭିଯୋଗ ହୋଇଛି। କଟକ ସଦର ଥାନ ଅନ୍ତର୍ଗତ ଫୁଲନଖରା ଗ୍ରାମର ଏହି ୨୩ବର୍ଷୀୟା ଯୁବତୀଙ୍କ ଅଭିଯୋଗ ଅନୁସାରେ ଅଭିଯୁକ୍ତ ଯୁବକ ଜଣକ ବଲାଙ୍ଗୀର ଜିଲା ତୁଷୁରା ଥାନା ଅନ୍ତର୍ଗତ ଶିବତଲା ଗ୍ରାମର ସୁଜିତ ମେହେର(୨୫)। ଏତଲାରେ ପୀଡିତା ଉଲ୍ଲେଖ କରିଛନ୍ତି ଯେ, ସେ ତାମିଲନାଡୁରରେ କାମ କରୁଥିବା ବେଳେ ସୁଜିତଙ୍କ ସହ ଦେଖା ହୋଇଥିଲା। ଏହି ସମୟ ମଧ୍ୟରେ ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଉଭୟେ ଗତ ୬ମାସ ହେଲା ସ୍ୱାମୀସ୍ତ୍ରୀ ଭାବେ ସେଠାରେ ଏକାଠି ରହି ଆସୁଥିଲେ। ଏହି ସମୟରେ ପୀଡିତା

**ଜୋରଜବରଦସ୍ତ ଗର୍ଭ ନଷ୍ଟ କରିଥିବା ଅଭିଯୋଗ କଲେ ପୀଡିତା**

ଗର୍ଭବତୀ ହୋଇଥିଲେ। ବିବାହ ପାଇଁ ସେ କହିବାରୁ ସୁଜିତ ଗର୍ଭ ନଷ୍ଟ କରିବା ପାଇଁ କହିଥିଲେ। ସେ ଏଥିରେ ରାଜି ନହେବାରୁ ବଳପୂର୍ବକ ଗର୍ଭନଷ୍ଟକାରୀ ଔଷଧ ଖୁଆଇ ଦେଇଥିଲେ। ପରେ କୌଶଳକ୍ରମେ ତାଙ୍କ ପାଖରେ ଥିବା ନଗଦ ୧୦ ହଜାର ଟଙ୍କା, ଲାପଟପ ଓ ମୋବାଇଲ ଧରି ସୁଜିତ ଶିବତଲା ପଳାଇ ଆସିଥିବା ପୀଡିତା ଏତଲାରେ ଉଲ୍ଲେଖ କରିଛନ୍ତି। ସେ ଶିବତଲା ଯାଇ ସୁଜିତଙ୍କୁ ଭେଟିବାକୁ ଚେଷ୍ଟା କରିଥିବା ବେଳେ ତାଙ୍କ ପରିବାର ଲୋକେ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ନେଇ ଅଭିଯୋଗକାରିଣୀ ତୁଷୁରା ଥାନାରେ ଅଭିଯୋଗ କରିଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ଏ ନେଇ ମାମଲା ରୁଜୁ ହେଇ ନଥିବା ବେଳେ ତଦନ୍ତ ଚାଲିଛି ବୋଲି ତୁଷୁରା ଥାନା ଅଧିକାରୀ ଯଶୋବନ୍ତ ପ୍ରଧାନୀ ପ୍ରକାଶ କରିଛନ୍ତି।

# ପାଏନ୍ ଲାଗି ଡହକ୍‌ବିକଲ ତୁଷରା ସହରବାସୀ

**ଗୁଡ଼ଭେଲା,୨୭।୫(ଡି.ଏନ୍.ଏ.)**

ପାଖାପାଖି ମାସେରୁ ଅଧିକା ହେଲା ରାଏଜେ ଖରା ତାତି ବଢ଼ତେଲ ଯାଉଛେ। ବଡ଼ଭାଗି ସହରର ତାପମାନ ୪୦ ଡିଗ୍ରୀ ଉପରେ ରହୁଛେ। ଇ ମୁଡ଼ଫଟା ଖରା ଝାଉରେ ବେସିକରି ସଁଥିଲି ହେଉଛନ୍ ପଶ୍ଚିମ ଓଡ଼ିଶାବାସୀ। ଗାଁଗଁଲିମାନକେ ବଁଧ୍‌କଟାର ପାଏନ୍ ଶୁଖିଗଲାନ, ନଲ୍‌ଟୁଆଁମାନକେ ଦରକାର ହିସାବେ ପାଏନ୍ ନାଇଁ ବାହାରବାର। ଏନ୍‌ତାଥି ଫେର ଲୁକ୍‌କୁ ଦାଉ ସାଧୁଛେ ବିଜଲିର ଲୁକ୍‌ଲୁକାନି ଖେଲ୍।

ସୂଚନା ଅନ୍‌ସାରେ ଗୁଡ଼ଭେଲା ବ୍ଲକର ଅନେକ ଗାଁଗଁଡ଼ାରେ ଏନ୍‌ତା ବିସମ ପରିସ୍ଥିତି ଦେଖାଦେଇଛେ। ଖରାରମାଡ଼େ ଅଂଚଲର ବହୁତଟେ ଗାଁର ବଁଧ୍‌କଟା ଶୁଖା ପଡ଼ିଛେ। ଲୋକ୍ ଗଧାପଧା, ଲୁଗାସଫା କରବାର ଲାଗି ନାନା ସମସିଆର ସାମନା କରୁଛନ୍। ପିଇଲା ପାଏନ୍ ଲାଗି ଲୋକ୍ ଖରା ଝାଉରେ ଦୂରିଆଥୁ ପାଏନ୍ ଆନୁଥିବାର ଦେଖିବାକେ ମିଲୁଛେ। ଗାଈଗୋରୁ, ଚରେଇ ଚିରଗୁନ ବି ଶୋଷ୍ ମେଟାବାର ଲାଗି ପାଏନ୍ ଢୁଁଡ଼େଇ ହେଉଥିବାର ଦେଖିବାକେ ମିଲୁଛେ। ଇଆଡ଼େ ମୁଡ଼ଫଟା ଖରା ଝାଉକେ ବିଜଲିର ଲୁକ୍‌ଲୁକାନି ଖେଲ ଅଂଚଲବାସୀକୁ ଅଥାଥାଲି କରିପକଉଛେ। ଏନ୍‌ତାଥି ଲୋକ୍ ଘରେ ରହିବେ କି ବାହାରେ ଛାଇତଲ ଖୁଜବେ ଭାବି ନାଇଁପାରବାର। ଇ ପାଗ୍‌ରେ ରୁଗୀ ଆର ଛୋଟ ଛୁଆକର ଗୁଲଗୁଲା କହେଲେ ନାଇଁସରେ। ପାଖାପାଖି ୨ ହପ୍‌ତା ହେଲା ଅଂଚଲର ଭିନେ ଭିନେ ଜାଗାରେ ତାପମାନ ୪୨ରୁ ୪୬ ଡିଗ୍ରୀ ତକ୍ ରହୁଛେ। ସକାଲର ୯ ବଜେନୁ ୫ ବଜେ ତକ୍ ତେଜ୍ ଖରା ସଂଗେ ଏନ୍‌ତା ଝାଉ ପିଟୁଛେ ଯେ ନିଆଁ ହୁଲା ବରଷିଲା ଲେଖେଁ ଲାଗୁଛେ। ଇ ସମିଆରେ ଗାଁଗଁଲିରୁ ସହରତକ୍ ସବୁ ରାସ୍‌ତାଘାଟ ଛିନା ହେଇଯାଉଛେ। ତୁଷରା ସହରବାସୀକର ପିଇଲା ପାଏନ୍ ସୁବିଧା ଲାଗି ସୋନଗଡ଼ ନଦୀ ଆର ଶିବ ମନ୍ଦିର ପାସେ ଥିବାର ପାତାଲ ବୋରିଙ୍ଗରୁ ପାଏନ୍ ଯୁଗେଇ ଦିଆଯାଉଛେ। ସହରର ବଡ଼ଭାଗି ପଡ଼ାକେ ସୋନଗଡ଼ ନଦୀରୁ ପାଏନ୍ ଯୁଗେଇ ଦିଆଯାଉଛେ। ହେଲେ ସେଠାନେ କମ୍ ପାୱାରର ମଟର ଲାଗିଥିବାର ଲାଗି ସହରର ସବୁପଡ଼ାକେ ଠିକ୍ ହିସାବେ ପାଏନ୍ ନାଇଁ ପୁହୁଁଚୁଥିବାର ଅଭିଯୋଗ ହେଉଛେ। ଏନ୍‌ତା ପରିସ୍ଥିତିରେ ଜନସ୍ୱାସ୍ଥ୍ୟ ବିଭାଗର ଜେଇ ବଡ଼ଭାଗି ସମସିଆ ଅଫିସରେ ଅନୁପସ୍ଥିତ ରହୁଛନ୍, ଯେନ୍‌ଥିରଲାଗି ଇ ବାବ୍‌ଦେ ତାକର ମତାମତ ନାଇଁ ମିଲିପାରି। ହେଲେ ଥାନୀୟ କରମଚାରୀ ପାଏନ୍ ସପ୍ଲାଏ ଠିକ୍ ଚାଲିଥିବାର ସଫେଇ ଦେଇଛନ୍। ଇ ଦିଗେ ବିଭାଗୀୟ ଉଚ୍ କତୃରପକ୍ଷ ଦୁରୁଷ୍ଟି ଦେଇ ସମସିଆର ସମାଧାନ କରବାକେ ସହରବାସୀ ଦାବି କରିଛନ। ଦରକାର ପଡ଼ଲେ ପଡ଼ାକେ ପଡ଼ା ପାଏନ୍ ଟ୍ୟାଙ୍କର ବୁଲେଇ ଲୁକ୍‌କୁ ପିଇଲା ପାଏନ୍ ଯୁଗେଇ ଦେବାକେ ଦାବି ହେଉଛେ।

## ଅବ୍ୟବସ୍ଥାରେ ଏଟିଏମ୍ ସେବା

**ଲୋଇସିଂହା,୨୭।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହାରେ ଥିବା ଏଟିମ ସବୁ ବ୍ୟାପକ ଅବ୍ୟସ୍ଥା ଘେରରେ ରହିଛି। ଏଥିପ୍ରତି ବ୍ୟାଙ୍କ ଓ ଦାୟିତ୍ୱରେ ଥିବା ଏଜେନ୍ସିଗୁଡିକ ଉଚିତ ତଦାରଖ କରୁ ନ ଥିବାରୁ ଗ୍ରାହକମାନେ ଅସୁବଧାର ସମ୍ମୁଖୀନ ହେଉଛନ୍ତି। ବସଷ୍ଟାଣ୍ଡସ୍ଥିତ ଏସବିଆଇ ଏଟିଏମ ପରିସରରେ ଆଲୋକ ବ୍ୟବସ୍ଥା ନଥିବାରୁ ଗ୍ରାହକମାନେ ମୋବାଇଲ ଟର୍ଚ୍ଚରେ ଟଙ୍କା ଉଠାଉଛନ୍ତି। ଲୋଇସିଂହାରେ ଗୋଟିଏ ଏସବିଆଇ ବ୍ୟାଙ୍କ, ଇଣ୍ଡିଆନ, ସମବାୟ ବ୍ୟାଙ୍କ ସମେତ ଏଚଡିଏଫସି ବ୍ୟାଙ୍କ ରହିଛି। ଗ୍ରାହକଙ୍କୁ ସହଜ ସୁବିଧା ଦେବା ପାଇଁ ସହରର ୪ଟି ଏଟିଏମ କାଉଣ୍ଟର ରହିଛି। ଏସବିଆଇର ୨ ଟି, ଏକ୍ସିସ ଓ ଇଣ୍ଡିଆନ ବ୍ୟାଙ୍କ ଗୋଟିଏ ଲେଖାଁଏ ଏଟିଏମ ରହିଛି। ଅଞ୍ଚଳବାସୀଙ୍କ ସମେତ ଲୋଇସିଂହା ସହର ଉପରେ ନିର୍ଭର କରୁଥିବା ପଡୋଶୀ ଆଗଲପୁର, ବରଗଡ ଜିଲା ଗାଇସିଲାଟ, ସୁବର୍ଣ୍ଣପୁର ଜିଲା ମେଣ୍ଡା ଅଞ୍ଚଳର ଜନସାଧାରଣ ଏସବୁ ଏଟିଏମ ବ୍ୟବହାର କରଥାନ୍ତି। ହେଲେ ଅନେକ ସମୟରେ ଏଟିଏମରେ ଟଙ୍କା ରହୁ ନ ଥିବାରୁ ଗ୍ରାହକମାନେ ହଇରାଣ ହରକତ ହୋଇଥାନ୍ତି। ଅନେକ ଦିନଧରି ଏଟିଏମ ବନ୍ଦ ରହୁଥିବା ନଜିର ମଧ୍ୟ ରହିଛି। ବସଷ୍ଟାଣ୍ଡ ସ୍ଥିତ ଏସବିଆଇ ଏଟିଏମ କାଉଣ୍ଟର ଶର୍ଟରେ ଭାଙ୍ଗିଯିବା ଅବସ୍ଥାରେ ରହିଛି। ଏତଦବ୍ୟତୀତ ଏଟିଏମ ପରିସରର ରାତି ସମୟରେ ଆଲୋକର ବ୍ୟବସ୍ଥା ନାହିଁ। ଏ ସଂକ୍ରାନ୍ତରେ ସ୍ଥାନୀୟ ବ୍ୟାଙ୍କ କର୍ତ୍ତୃପକ୍ଷକୁ ଗ୍ରାହକମାନେ ଜଣାଇଲେ ତାହା ଏକ ଏଜେନ୍ସିର ଦାୟିତ୍ୱ କହି ଦାୟିତ୍ୱମୁକ୍ତ ହୋଇଯାଉଥିବା ସରୋଜ ବିଶ୍ୱାଳ ନାମକ ଜଣେ ଉପଭୋକ୍ତା ଅଭିଯୋଗ କରିଛନ୍ତି। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



କୁରୁଲ ହାଇସ୍କୁଲଠାରେ ଅନୁଷ୍ଠିତ ଅଘରିଆ ଜାତି ସମାଜ ବୈଠକ।

# ୮୪ ଘର ଅଘରିଆ ସମାଜର ବୈଠକ

**ବଲାଙ୍ଗୀର ଅଫିସ, ୨୭।୫**

ଅଖିଳ ଭାରତୀୟ ୮୪ ଘର ଅଘରିଆ ସମାଜ ଭାଲେର ମଣ୍ଡଳ ତରଫରୁ କୁରୁଲ ଠାରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ର ସଭାପତି ହରିଶଙ୍କର ସାଏଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଆସନ୍ତା ଜୁନ୍ ୨୩ ତାରିଖରେ ଜାତିଭାଇଙ୍କୁ ନେଇ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ମଣ୍ଡଳ ସଭାପତି ଜଗବନ୍ଧୁ ପଟେଲ ସଭା ପ୍ରାରମ୍ଭରେ ବକ୍ତବ୍ୟ ରଖିଥିଲେ। ସଭାରେ ଉପସଭାପତି ଷଡ଼ାନନ ରାଉତ୍, ପୁସ୍ତକ କମିଟି ସମ୍ପାଦକ ରାମଚନ୍ଦ୍ର ପଟେଲ, ମଣ୍ଡଳ ଉପସଭାପତି କୁଶଧ୍ୱଜ ପଟେଲ, କୁରୁଲ ଗୁଡି ସଭାପତି ବୃନ୍ଦାବନ ନାଏକ, ବନ୍ଧପାଲି ସଭାପତି ପ୍ରଭୁ ପ୍ରସାଦ ନାଏକ, ଭାରେଲ ସଭାପତି ପୂର୍ଣ୍ଣଚନ୍ଦ୍ର ପଟେଲ, କୁରୁଲ ଗ୍ରାମ୍ୟ ସଭାପତି ଯଜ୍ଞେଶ୍ୱର ନାଏକ ମଞ୍ଚାସୀନ ଥିଲେ। ରକ୍ତଦାନ ଶିବିର ସଂଯୋଜନା ପାଇଁ ପ୍ରକୃତିବନ୍ଧୁ ଶିକ୍ଷକ ଦିଗାମ୍ବର ନାଏକଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଅତିଥି ଓ ଡାକ୍ତର ଦଳଙ୍କୁ ଯୋଗାଯୋଗ କରିବାକୁ ଶିକ୍ଷକ ଜୟକୃଷ୍ଣ ନାଏକଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ରାଷ୍ଟ୍ରପତିଙ୍କ ଠାରୁ ଶ୍ରେଷ୍ଠ ରକ୍ତଦାତା ପୁରସ୍କାର ପାଇଥିବା ଶ୍ରୀନିବାସ ନାଏକ ରକ୍ତ ଶିବିର ପରିଚାଳନା କରିବାକୁ ଦାୟିତ୍ୱ ଦିଆଯାଇଥିଲା। ଏହି ବୈଠକରେ କେବଳ ବିଷ୍ଣୁମୁଣ୍ଡା ଗ୍ରାମର ୩୫ ଜଣ ଯୁବକ ରକ୍ତଦାନ କରିବେ ବୋଲି ଜଣାଇଥିଲେ। ଏହି ସଭାରେ ବିଭିନ୍ନ ଗ୍ରାମର ୫୦ରୁ ଉର୍ଦ୍ଧ୍ୱ ଜାତିଭାଇ ଓ ସଦସ୍ୟ ଯୋଗଦେଇଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଦିଆଯାଇଥିଲା। ସଭାରେ ହରିବନ୍ଧୁ ନାଏକ, ଗଙ୍ଗାଧର ନାଏକ, ସୁରଥ ନାଏକ, ଅଶ୍ୱିନୀ ନାଏକ, ଚନ୍ଦ୍ରଶେଖର ପଟେଲ, ରାଜକିଶୋର ନାଏକ, ଖୁସିରାମ ନାଏକ, ଆଲୋକ ରାଉତ୍, ସୁଧୀର ପଟେଲ, ସୁରେନ୍ଦ୍ର ନାଏକ, ବିଧାନଚନ୍ଦ୍ର ନାଏକ, ମନୋଜ ନାଏକ, ପ୍ରଫୁଲ୍ଲ ନାଏକ, ଅଚ୍ୟୁତାନନ୍ଦ ପଟେଲ, ପ୍ରଦୀପ ନାଏକ, ଗୋକୁଳାନନ୍ଦ ନାଏକ, ରଣଜିତ ପଟେଲ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ୫ମାସ ହେଲା ସୋଲାର ପ୍ରକଳ୍ପ ଅଚଳ

**ବିନିକା,୨୭।୫ (ଡି.ଏନ୍.ଏ.)**

ସୋନପୁର ସଦର ବ୍ଲକ ଲଛିପୁର ପଞ୍ଚାୟତ ଅନ୍ତର୍ଗତ ଅସୁରମୁଣ୍ଡା ଗ୍ରାମରେ ସୌର ଚାଳିତ ଜଳ ଯୋଗାଣ ପ୍ରକଳ୍ପ ଗତ ୫ମାସ ହେଲା ଅଚଳ ହୋଇପଡିଛି। ଫଳରେ ଗ୍ରାମବାସୀ ପାନୀୟ ଜଳ ପାଇଁ ହଟହଟାର ସମ୍ମୁଖୀନ ହେଉଛନ୍ତି। ସରକା ଙ୍କ ଜଳ ଓ ପରିମଳ ବିଭାଗ ପକ୍ଷରୁ ପ୍ରାୟ ୩ବର୍ଷ ତଳେ ଅସୁରମୁଣ୍ଡା ଗ୍ରାମବାସୀଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବା ପାଇଁ ଏକ ସୋଲାର ଜଳ ପ୍ରକଳ୍ପ ବସାଯାଇଥିଲା। ଯାନ୍ତ୍ରିକ ତ୍ରୁଟି ଯୋଗୁଁଉକ୍ତ ପ୍ରକଳ୍ପଟିଗତ ୫ମାସ ହେଲାବନ୍ଦ ହୋଇ ପଡିଛି। ଏ ନେଇ ବାରମ୍ବାର ଅଭିଯୋଗ କଲେ ସୁଦ୍ଧା କେହି ଶୁଣୁ ନଥିବା ଅଭିଯୋଗ ହେଉଛି। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ଏହି ପ୍ରକଳ୍ପକୁ ଯଥାଶୀଘ୍ର ସଚଳ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



ଅଚଳ ହୋଇ ପଡିଥିବା ସୋଲାର ପ୍ରକଳ୍ପ।

# ଧକ୍କାଦେଇ ଲୁଟି ନେଲେ ବ୍ୟାଗ୍, ବ୍ୟାଙ୍କ ଅଧିକାରୀ ଆହତ

**ବଲାଙ୍ଗୀର ଅଫିସ, ୨୭।୫**

ବଲାଙ୍ଗୀର ସହର ଉପକଣ୍ଠରେ ସୋମବାର ଅପରାହ୍ଣରେ ଜଣେ ବ୍ୟାଙ୍କ ଅଧିକାରୀଙ୍କୁ ଧକ୍କା ଦେଇ ୩ ଲୁଟେରା ତାଙ୍କ ବ୍ୟାଗ ଲୁଟି ନେଇ ଫେରାର ହୋଇଯାଇଛନ୍ତି। ଲୁଟେରାଙ୍କ ଧକ୍କାରେ ବ୍ୟାଙ୍କ ଅଧିକାରୀ ଆହତ ହୋଇ ଭୀମଭୋଇ ମେଡିକାଲ କଲେଜ ହସପିଟାଲରେ ଭର୍ତ୍ତି ହୋଇଛନ୍ତି। ପୁଇଁନ୍ତଲା ଥାନା ଅନ୍ତର୍ଗତ ଭାଲେରସ୍ଥିତ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଶାଖା ପରିଚାଳକ ହରେରାମ ପାଣିଗ୍ରାହୀ ଅପରାହ୍ଣ ସାଢ଼େ ୫ଟାରେ ବ୍ୟାଙ୍କରୁ ବଲାଙ୍ଗୀର ସହରକୁ ଫେରୁଥିଲେ। ସହର ଉପକଣ୍ଠ ଭାଲେରର ଛକ ନିକଟରେ ୩ ଜଣ ଯୁବକ ଏକ ବାଇକ ଧରି ରାସ୍ତାରେ ଠିଆ ହୋଇଥିଲେ। ବଲାଙ୍ଗୀର ପଟକୁ ବାଇକ୍‌ରେ ଆସୁଥିବା ପାଣିଗ୍ରାହୀଙ୍କ ପାଖକୁ ଆସିବା ପରେ ଜଣେ ଯୁବକ ତାଙ୍କୁ ଧକ୍କା ଦେବାରୁ ସେ ବାଇକ୍‌ରୁ ପଡିଯାଇଥିଲେ। ଏହି ସମୟରେ ଯୁବକ ଜଣକ ତାଙ୍କ ବ୍ୟାଗ ଲୁଟି ନେଇ ଅନ୍ୟ ଦୁଇ ସହଯୋଗୀଙ୍କ ସହ ଫେରାର ହୋଇଯାଇଥିଲେ। ଉକ୍ତ ବ୍ୟାଗରେ ବ୍ୟାଙ୍କ କାଗଜପତ୍ର, ବ୍ୟାଙ୍କ ଚାବି ରହିଥିବା କହିଥିଲେ ମଧ୍ୟ ଲୁଟେରାମାନେ ଶୁଣି ନ ଥିଲେ। ଲୁଟେରାଙ୍କ ଧକ୍କାରେ ବାଇକ୍‌ରୁ ପଡିଯାଇଥିବା ପାଣିଗ୍ରାହୀଙ୍କ ହାତ ଓ ଗୋଡରେ ଆଘାତ ଲାଗିଛି। ଖବର ପାଇ ପୁଇଁନ୍ତଲା ଥାନା ପୋଲିସ ତଦନ୍ତ ଆରମ୍ଭ କରିଛି। ବଲାଙ୍ଗୀର ସହର ଉପକଣ୍ଠରେ ସନ୍ଧ୍ୟାରୁ ରାତି ପର୍ଯ୍ୟନ୍ତ କିଛି ଅସାମାଜିକ ଯୁବକ ଲୁଟ୍, ଡକାୟତି କରୁଥିବା ଅନେକ ଅଭିଯୋଗ ହେଉଛି। ଅପରାହ୍ଣରେ ସହର ଉପକଣ୍ଠରେ ଏଭଳି ଲୁଟ୍ ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି।

ବଲାଙ୍ଗୀର କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀ ସଂଘର ଦ୍ୱିବାର୍ଷିକ ସମ୍ମିଳନୀ

# ସପ୍ତମ ବେତନ କମିଶନ ସୁପାରିସ ଲାଗୁ ଦାବି

**ବଲାଙ୍ଗୀର ଅଫିସ,୨୭।୫**

ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀ ସଂଘ ବଲାଙ୍ଗୀର ଶାଖାର ଦ୍ୱିବାର୍ଷିକ ସମ୍ମିଳନୀ ସ୍ଥାନୀୟ ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ହୋଇଛି। ସଂଘ ସଭାପତି ଲଳିତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ସମ୍ବଲପୁର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସତ୍ୟନାରାୟଣ ରଥ ଅତିଥିଭାବେ ଯୋଗଦେଇଥିଲେ। ସଭାରେ ସପ୍ତମ ବେତନ କମିଶନଙ୍କ ସୁପାରିଶ, ସ୍ୱାସ୍ଥ୍ୟବୀମା ଶୀଘ୍ର ଲାଗୁ ପାଇଁ ଦାବି କରିଥିଲେ। ଏହି ଦାବି ପୂରଣ କରିବା ପାଇଁ ବ୍ୟାଙ୍କ ମ୍ୟାନେଜମେଣ୍ଟ, ରେଜିଷ୍ଟାର ଓ ବିଭାଗୀୟ ମନ୍ତ୍ରୀଙ୍କ ସହ ଆଲୋଚନା କରିବାକୁ ନାୟକ କହିଥିଲେ। ଏହା ସତ୍ତ୍ୱେ ଦାବିପୂରଣ ନହେଲେ ଆନ୍ଦୋଳନାତ୍ମକପନ୍ଥା ଅବଲମ୍ବନ କରାଯିବ ବୋଲି ସେ ଚେତାବନୀ ଦେଇଥିଲେ। ଏହି ଅବସରରେ ସଭାପତି ଲଳିତ କୁମାର ନାୟକଙ୍କୁ ପୁନର୍ବାର ସଂଘ ସଭାପତି ଭାବେ ନିର୍ବାଚିତ କରାଯାଇଥିଲା। ଅନ୍ୟ କାର୍ଯ୍ୟକର୍ତ୍ତା ନିର୍ବାଚନରେ ଉପସଭାପତି ଭାବେ ରବୀନ୍ଦ୍ର କୁମାର ସାହୁ, ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ପଟେଲ, ସଙ୍ଗଠନ ସମ୍ପାଦକ ସଞ୍ଜୀବ ଶତପଥି, ଅଫିସ ସମ୍ପାଦକ ଜ୍ୟୋସ୍ନାମୟୀ ପଧାନ, କୋଷାଧ୍ୟକ୍ଷ ସାନନ୍ଦ ସାହୁ ଓ ଆଇନ ପରାମର୍ଶଦାତାଭାବେ ଆଡଭୋକେଟ ରାଖାଲ ନନ୍ଦ ମନୋନୀତ ହୋଇଛନ୍ତି। ଉପଦେଷ୍ଟା ଭାବେ ବାଙ୍କନିଧି ରାୟଗୁରୁ, ଶେଷ ବାରିକ, ସତ୍ୟବ୍ରତ ଖମାରୀ, ଜୟନ୍ତ ମହାନ୍ତି, ସୁଧୀର ନନ୍ଦ ରହିଛନ୍ତି। କାର୍ଯ୍ୟକାରିଣୀ କମିଟିକୁ କ୍ୟାଡର ଏବଂ ଉଭୟ ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲାର ୨୧ ଜଣ ସଦସ୍ୟା, ସଦସ୍ୟ ମନୋନୀତ ହୋଇଥିବା ସୂଚନା ଦିଆଯାଇଛି।



ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀ ସଂଘର ଦ୍ୱିବାର୍ଷିକ ସମ୍ମିଳନୀରେ ମଞ୍ଚାସୀନ ଅତିଥି।